## ସଂକ୍ଷେପରେ

### ଦକ୍ଷିଣକାଳୀ ପୀଠରେ ନବରାତ୍ର ପୂଜା



**ବ୍ରହ୍ମପୁର ଅଫିସ,୨୯।୯:** ବ୍ରହ୍ମପୁର ଜେଲରୋଡସ୍ଥ ଦକ୍ଷିଣ କାଳୀ ପୀଠରେ ରବିବାରରୁ ଆରମ୍ଭ ହୋଇଛି ପାର୍ବଣ ପକ୍ଷ ନବରାତ୍ର ପୂଜା । ଅପରାହ୍ନରୁ ବର୍ଷା ସତ୍ତ୍ୱେ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥିଲା। ପାରମ୍ପରିକ ରୀତିରେ ପୀଠ ସମ୍ମୁଖରେ ଯଜ୍ଞ ଆୟୋଜନ କରାଯାଇଛି। ପଣ୍ଡିତ ଓ ପୁରୋହିତମାନେ ଯଜ୍ଞ ପରିଚାଳନା କରୁଛନ୍ତି। ମନ୍ଦିର ପରିଚାଳନା କମିଟି ମୁଖ୍ୟ ହେମନ୍ତ କୁମାର ସାବତଙ୍କ ସମେତ ଆୟୋଜକ ସତ୍ୟ ନାରାୟଣ ସାବତ ଓ ଅନ୍ୟମାନେ କାର୍ଯ୍ୟକ୍ରମ ସଂଯୋଜନା କରୁଛନ୍ତି। ଅପରପକ୍ଷରେ ପ୍ରତିକୂଳ ପାଗ ଯୋଗୁ ନବରାତ୍ର ପୂଜା ବ୍ରହ୍ମପୁରରେ ପ୍ରଥମ ଦିନ ଫିକା ପଡ଼ିଯାଇଛି। ବିଜିପୁର ବଜାର, ହନୁମାନ ବଜାର, ଗିରିଜା ଛକ, ଗିରି ମାର୍କେଟ, ପୁରୁଣା ବସ୍‌ଷ୍ଟାଣ୍ଡ ସମେତ ବିଭିନ୍ନ ସ୍ଥାନରେ ହୋଇଥିବା ଆକର୍ଷଣୀୟ ମେଢ଼ ମଣ୍ଡପରେ ଦର୍ଶକଙ୍କ ଭିଡ଼ ନ ଥିବା ଲକ୍ଷ୍ୟ କରାଯାଇଛି। ସହରରେ ଆରାଧ ଦେବୀ ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ମଧ ପାର୍ବଣ ପୂଜାର୍ଚ୍ଚନା ଆରମ୍ଭ ହୋଇଯାଇଛି। ବର୍ଷା ଯୋଗୁ ଗୋଷାଣୀନୂଆଗାଁ କାଲୁଆ ଯାତ୍ରାରେ ମଧ ଶ୍ରଦ୍ଧାଳୁଙ୍କ ଗହଳି ହୋଇ ନ ଥିବା ଖବର ମିଳିଛି ।

### ଶାଢ଼ି ଲଗାଇ ମହିଳାଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୯।୯:** ବୈଦ୍ୟନାଥପୁର ଥାନା ପୋଲିସ ରବିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପଣ୍ଡା କଲୋନୀରୁ ଜବତ କରିଛି। ମହିଳା ଜଣଙ୍କ ବେକରେ ଶାଢ଼ି ଲଗାଇ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି ବୋଲି ପୋଲିସ କହିଛି। ମୃତ ମହିଳା ଜଣକ ଗାୟତ୍ରୀ ବେହେରା (୨୯)। ତାଙ୍କ ସ୍ୱାମୀ ସଚ୍ଚିଦାନନ୍ଦ ପ୍ରସାଦ ଏକ ଘରୋଇ ଇଂଜିନିୟରିଂ କଲେଜରେ ଅଧାପକ ଭାବେ କାମ କରନ୍ତି। ପୋଲିସ ମୃତଦେହ ଜବତ କରି ନଂ. ୫୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ତାଳଚେର ଥାନା ଅନ୍ତର୍ଗତ ଦନାରା ଗ୍ରାମର ଗାୟତ୍ରୀ ବେହେରାଙ୍କୁ ୨୦୧୦ ରେ ସଚ୍ଚିଦାନନ୍ଦ ବିବାହ କରିଥିଲେ। ପରେ ଦମ୍ପତି ବ୍ରହ୍ମପୁର ଆସି ପଣ୍ଡା କଲୋନୀରେ ରହୁଥିଲେ। ସଚ୍ଚିଦାନନ୍ଦ ଶନିବାର କୌଣସି କାମରେ ବାହାରକୁ ଯାଇ ରାତି ପ୍ରାୟ ୮ଟାରେ ଘରକୁ ଫେରିଥିଲେ। ହେଲେ ଘର ଭିତର ପଟୁ କବାଟ ବନ୍ଦ ଥିବାରୁ ସେ ଝରକା ପଟେ ଦେଖିବା ବେଳେ ତାଙ୍କ ସ୍ତ୍ରୀ ଶୋଇବା ଘର ଫ୍ୟାନରେ ଝୁଲୁଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଅଧାପକଙ୍କ ଉପସ୍ଥିତିରେ ଘର କବାଟ ଭାଙ୍ଗି ଭିତରକୁ ଯାଇ ମୃତଦେହ ଜବତ କରିଥିଲା। ରବିବାର ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପୋଲିସ ପଠାଇଥିଲା। ମୃତା ମହିଳାଙ୍କ ମା' ଅଶାରଣୀ ବେହେରା ରବିବାର ବ୍ରହ୍ମପୁରରେ ପହଞ୍ଚିଥିଲେ। ମହିଳା ଜଣଙ୍କ କୌଣସି କାରଣରୁ ମାନସିକ ଚାପରେ ରହୁଥିବା ବେଳେ ସେ ଏଭଳି ଭାବେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଗାୟତ୍ରୀଙ୍କ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଛତ୍ରପୁର,୨୯।୯(ଡି.ଏନ୍.ଏ.):** ମହିଳାଙ୍କୁ ଅସଦାଚରଣ କରିବା ମାମଲାରେ ଅଭିଯୁକ୍ତଙ୍କୁ ଛତ୍ରପୁର ପୋଲିସ ରବିବାର ଗିରଫ କରିଛି। ସେ ହେଲେ ସିଙ୍ଗିପୁର ଗାଁର ଗଣପତି ଦାସ । ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା (ନଂ.୨୩୭/୧୯) ରୁଜୁ କରିଥିଲା।

### ଜୁଆ ଖେଳରେ ଚଢ଼ାଉ: ୫ ଗିରଫ

**ହିଞ୍ଜିଳିକାଟୁ,୨୯।୯(ଡି.ଏନ୍.ଏ.):** ହିଞ୍ଜିଳିକାଟୁ ଲକ୍ଷ୍ମୀ ବଜାରର ଏକ ପରିତ୍ୟକ୍ତ ଘର ଛାତ ଉପରେ ଚାଲିଥିବା ଜୁଆ ଖେଳରେ ଶନିବାର ରାତିରେ ପୋଲିସ ପାଟ୍ରୋଲିଂ ଟିମ୍ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ସେଠାରୁ ୬,୮୦୦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଏ ନେଇ ହିଞ୍ଜିଳି ଥାନାରେ ନଂ.୨୬୦/୧୯ରେ ଏକ ମାମଲା ମାମଲା ରୁଜୁ କରାଯାଇଛି।

■ ଗଞ୍ଜାମ କୃଷକ ସଭା କର୍ମଶାଳାରେ ଦାବି

# ସରକାର ପ୍ରଣୟନ କରନ୍ତୁ ବିକଳ୍ପ କୃଷି ନୀତି

**ବ୍ରହ୍ମପୁର ଅଫିସ,୨୯।୯**

ଓଡ଼ିଶା କୃଷକ ସଭା ଗଞ୍ଜାମ ଶାଖା (କମିଟି) ପକ୍ଷରୁ ରବିବାର ବ୍ରହ୍ମପୁରରେ କୃଷି ଓ କୃଷକ ସଙ୍କଟରୁ ମୁକ୍ତି ଏବଂ ବିକଳ୍ପ କୃଷି ନୀତି ଶୀର୍ଷକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଜିଲାର ସମୁଦାୟ ଜନ ସଂଖ୍ୟା ୭୦% କୃଷି ଉପରେ ନିର୍ଭର କରୁଥିବା ବେଳେ ଚାଷ ପାଇଁ ଆବଶ୍ୟକ ମୁତାବକ ସେଚ ବ୍ୟବସ୍ଥା ନ ଥିବାରୁ ଫସଲ ଉତ୍ପାଦନ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ କରାଯାଇଛି। ଗଞ୍ଜାମରେ ୬୫% ଜମିକୁ ଜଳସେଚିତ କରାଯାଇଥିବା ସରକାରୀ ପ୍ରଚାର ସମ୍ପୂର୍ଣ୍ଣ ମିଥ୍ୟା ବୋଲି କର୍ମଶାଳାରେ ସମାଲୋଚନା କରାଯାଇଥିଲା । ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ବାଘୁଆ, ବାଘଲଟି, ହିରାଧାରବାଟି, ଜୟମଙ୍ଗଳ, ଦହ ଓ ଅନ୍ୟ ପ୍ରକଳ୍ପଗୁଡ଼ିକ ଅବିଳମ୍ବେ ସମ୍ପୂର୍ଣ୍ଣ ସହ ବୃହତ୍ତ ପ୍ରକଳ୍ପରେ ପରିଣତ କରିବାକୁ କୃଷକ ସଭା ଦାବି କରିଛି ।

କର୍ମଶାଳାରେ ଅଖିଳ ଭାରତ କୃଷକ ସଭା ଯୁଗ୍ମ ସମ୍ପାଦକ ବିଜୁ କ୍ରିଷ୍ଣନ, ଆଦିବାସୀ ଅଧିକାର ରାଷ୍ଟ୍ରୀୟ ମଞ୍ଚ ଆବାହକ ଜିତେନ୍ଦ୍ର ଚୌଧୁରୀ, କୃଷକ ସଭା ଜାତୀୟ ଉପସଭାପତି ଅମଳ ହାଲଦାର, ରାଜ୍ୟ ଉପସଭାପତି ଜଗନ୍ନାଥ ମିଶ୍ର, ସାଧାରଣ ସମ୍ପାଦକ ସୁରେଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ଜିଲା ସଭାପତି ଗୋପାଳ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ପି. ହରିକୃଷ୍ଣ ରେଡ୍ଡୀ ପ୍ରାରମ୍ଭିକ ସୂଚନା ଦେଇଥିଲେ । ସିପିଏମ୍ ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀଙ୍କ ସମେତ ଜିଲାର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟକ କୃଷକ ସଭା ସଦସ୍ୟ ଓ ଚାଷୀ ଉପସ୍ଥିତ ଥିଲେ।

**କାର୍ଯ୍ୟକାରୀ ହେଉ ସ୍ୱାମୀନାଥନ କମିଶନ ସୁପାରିସ**

କୃଷକ ସଭା ନେତାମାନେ ଭାଷଣ ପ୍ରସଙ୍ଗରେ କେନ୍ଦ୍ର ସରକାର ସ୍ୱାମୀନାଥନ କମିଶନଙ୍କ ସୁପାରିଶ ଏଯାବତ୍ କାର୍ଯ୍ୟକାରୀ କରୁ ନ ଥିବାରୁ କୃଷି ଓ କୃଷକର ସଂକଟ ବଢ଼ି ଚାଲିଥିବା କଟାକ୍ଷ କରିଥିଲେ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଷୀ ବିରୋଧୀ ନୀତିକୁ କର୍ମଶାଳାରେ ନିନ୍ଦା କରାଯାଇଥିଲା। ଭାଗ ଚାଷୀଙ୍କୁ ସରକାର ଚାଷୀ ମାନ୍ୟତା ଦେବା, ଜିଲାରେ ଥିବା ଅନାବାଦୀ ଓ ପତିତ ଜମି କେବଳ ଜମିହୀନଙ୍କୁ ଦିଆଯିବା, ଗରିବ ବାସହୀନଙ୍କୁ ସେମାଭଗନଙ୍କ ଦଖଲରେ ଥିବା ଜମି ପଟ୍ଟା ପ୍ରଦାନ ପାଇଁ ଦାବି କରାଯାଇଛି। ସରକାରଙ୍କ ବିକଳ୍ପ କୃଷି ନୀତି ପ୍ରଣୟନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସନ୍ଧ୍ୟାରେ ଜିଲା ସିପିଏମ୍ କାର୍ଯ୍ୟାଳୟରେ ଅନୁଷ୍ଠିତ କୃଷକ ସଭା ରାଜ୍ୟ କମିଟି ବୈଠକରେ ଚାଷ ଓ ଚାଷୀଙ୍କ ସମସ୍ୟା ଓ ଏହାର ସମାଧାନ ନେଇ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଛି ।

## କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ



ମୃତଦେହ ପଞ୍ଚନାମା କରୁଛି ପୋଲିସ ।

**ବ୍ରହ୍ମପୁର ଅଫିସ,୨୯।୯**

ବୈଦ୍ୟନାଥପୁର ପୋଲିସ ରବିବାର ସକାଳେ ବିଦ୍ୟୁତ କଲୋନୀ ନିକଟସ୍ଥ ଏକ ପରିତ୍ୟକ୍ତ କୂଅ ଭିତରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ଯୁବକଙ୍କୁ ବେକ କାଟି କେହି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତ ଯୁବକ ଜଣକ ଉକ୍ତ କଲୋନୀରେ ରହୁଥିବା ଅମ୍ବିକା ପ୍ରସାଦ ପାଢ଼ୀ ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ମୃତଦେହ ଜବତ କରି ନଂ.୫୧୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, ଅମ୍ବିକା ଗତ ୨୭ ତାରିଖରୁ ନିଖୋଜ ଥିଲେ। ରବିବାର ଉକ୍ତ କଲୋନୀର ଏକ କୂଅରେ ମୃତଦେହ ଭାସୁଥିବା ପୋଲିସ ଖବର ପାଇଥିଲା। ପରେ ପୋଲିସ କୂଅ ଭିତରୁ ମୃତଦେହ ବାହାର କରିବା ପାଇଁ ଅଗ୍ନିଶମ ବିଭାଗ ସହାୟତା ନେଇଥିଲା। ସହକାରୀ ଅଗ୍ନିଶମ ଅଧିକାରୀ (ଏଏଫଓ) ସନାତନ ମହାପାତ୍ର ଓ ତାଙ୍କ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କୂଅ ଭିତରୁ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ମୃତଦେହ ପୋଲିସକୁ ହସ୍ତାନ୍ତର କରିଥିବା ଏଏଫଓ ମହାପାତ୍ର କହିଛନ୍ତି।

## ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଶ୍ୱ ହୃଦୟ ଦିବସ



ମୁଖ୍ୟବକ୍ତା ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୨୯।୯**

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ "ବିଶ୍ୱ ହୃଦୟ ଦିବସ" ଅବସରରେ ଏକ ସଚେତନତା ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ଶିଶିର କୁମାର ପାଢ଼ୀ ଯୋଗ ଦେଇଥିଲେ । ମଧୁମେହ ରୋଗ ବିଶେଷଜ୍ଞ ଡା. ପ୍ରମୋଦ ଅଗ୍ରୱାଲ ଯୋଗଦେଇ ହୃଦ୍‌ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବସ୍ତୁତ ଆଲୋଚନା କରିଥିଲେ । ସୁସ୍ଥ ହୃତ୍‌ପିଣ୍ଡ ନିମନ୍ତେ ପ୍ରତିଦିନ ଅତି କମ୍‌ରେ ୩୦ ମିନିଟ୍ ବ୍ୟାୟାମ କରିବାକୁ ସେ ପରାମର୍ଶ ଦେଇଥିଲେ। ସୁଷମ ଖାଦ୍ୟ ଖାଇବା ସହ ନିଶାଠାରୁ ଦୂରେଇ ରହିବା, ଚର୍ବିଯୁକ୍ତ ଖାଦ୍ୟ ପରିତ୍ୟାଗ କରିବା ଦ୍ୱାରା ହୃଦ୍ ଜନିତ ରୋଗ ଦୂରେଇ ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସମ୍ପାଦକ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ଜେନା, ଉପସଭାପତି ଡ. ହରିକୃଷ୍ଣ ନାୟକ, ସହ-ସମ୍ପାଦିକା ମମତା ପାଣିଗ୍ରାହୀ, ଉପଦେଷ୍ଟା ସୁଦର୍ଶନ ପାଢ଼ୀ, ହରିକୃଷ୍ଣ ପାଢ଼ୀ, ୟୁନିଟ ୨ ଅଧ୍ୟକ୍ଷ ଏସ୍. ମୋହନ ରାଓ ଏବଂ ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଡ. ଶ୍ରୀକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରୁବି ଚକ୍ଷୁ ଚିକିତ୍ସାଳୟର କର୍ମଶାଳା

**ବ୍ରହ୍ମପୁର ଅଫିସ,୨୯।୯**

ରୁବି ଚକ୍ଷୁ ଚିକିତ୍ସାଳୟ ଓ ରିସର୍ଚ୍ଚ ସେଣ୍ଟର, ରୁବି ଚକ୍ଷୁ ଚକିତ୍ସାଳୟ ଓ ଲାସିକ ସେଣ୍ଟର ମିଳିତ ଆନୁକୂଲ୍ୟରେ 'ଫାକୋ ଓ ଲାସିକ ଆଧୁନିକୀକରଣ ଏବଂ ରିଫ୍ରାକ୍ଟିଭ ଓ ଫାକୋ ସର୍ଜରୀ, ଚକ୍ଷୁର ଆଲର୍ଜି' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁରର ଏକ ଘରୋଇ ହୋଟେଲରେ ଦୁଇ ଦିନ ଧରି ଆୟୋଜିତ କର୍ମଶାଳାରେ କୋଏମ୍ବାଟୁରର ଡା. ଚିତ୍ରା ରାମମୂର୍ତ୍ତି, ବାଙ୍ଗାଲୋରର ଡା. ରୋହିତ ସେଟୀ, ଦିଲ୍ଲୀର ଡା. ଅନୀତା ପଣ୍ଡା ବକ୍ତା ଭାବେ ଯୋଗ ଦେଇଥିଲେ । ରୁବି ଚକ୍ଷୁ ଚିକିତ୍ସାଳୟ ଲାସିକ ସେଣ୍ଟର ନିର୍ଦ୍ଦେଶକ ତଥା ଯୁବ ଚକ୍ଷୁ ବିଶେଷଜ୍ଞ ଡା. ପ୍ରବୀଣ ସୁବୁଦ୍ଧି, ରୁବି ଚକ୍ଷୁ ଚିକିତ୍ସାଳୟ ଚେୟାରମ୍ୟାନ ପ୍ରଫେସର ଡା. ବି. ନାଗେଶ୍ୱର ରାଓ ସୁବୁଦ୍ଧି ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରର ଡା. ଆଶୋକ ନନ୍ଦ, ଡା. ଶ୍ରୀକାନ୍ତ ସାହୁ, ଡା. ଏସ୍.ଟି. ମୂରଲୀଧରନ୍, ଡା. ଅନୁରାଗ ମିଶ୍ର, ରୁବି ଚକ୍ଷୁ ଚକିତ୍ସାଳୟର ଡା. ଶ୍ୱେତା ପାତ୍ର, ଏମ୍‌କେସିଜି ମେଡିକାଲ କଲେଜ ଚକ୍ଷୁ ବିଭାଗ ବିଭାଗୀୟ ମୁଖ୍ୟ ପ୍ରଫେସର ସୁଚିତ୍ରା ଦାଶ ପ୍ରମୁଖ ଯୋଗଦେଇ ଉପରୋକ୍ତ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ଗଞ୍ଜାମ ଜିଲା ତଥା ବାହାରୁ ବହୁ ଚକ୍ଷୁ ବିଶେଷଜ୍ଞ କର୍ମଶାଳାରେ ଯୋଗ ଦେଇଥିଲେ ।

## ପ୍ରବାସୀ ଅଷ୍ଟଦୁର୍ଗ ସାଂସ୍କୃତିକ ପରିଷଦର ବାର୍ଷିକୋତ୍ସବ

**ବ୍ରହ୍ମପୁର ଅଫିସ,୨୯।୯**

ଅଗ୍ରଣୀ ଅନୁଷ୍ଠାନ ପ୍ରବାସୀ ଅଷ୍ଟଦୁର୍ଗ ସାଂସ୍କୃତିକ ପରିଷଦର ପ୍ରଥମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ କଳା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠାନ ସଭାପତି ପ୍ରଫେସର ଡ. ଲଳିତ କୁମାର ଜଗଦ୍ଦେବଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପଦେଷ୍ଟା ପ୍ରଫେସର ଡ. ମନ୍ମଥ ପାଢ଼ୀ, ନ୍ୟାୟମୂର୍ତ୍ତି ଶତ୍ରୁଘ୍ନ ନାୟକ ମଞ୍ଚାସୀନ ଥିଲେ । ଗଞ୍ଜାମ ଜିଲାର ଅନ୍ୟତମ ପ୍ରମୁଖ ଗଡଜାତ ଆଠଗଡର ଐତିହ୍ୟ ପୃଷ୍ଠଭୂମି ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ସମ୍ପାଦିକା ଡ. ବିଦ୍ୟୁତ୍‌ପ୍ରଭା ସାହୁ ସଂସଦ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଉଦୟ ଶଙ୍କର ମିଶ୍ର, କିଶୋର ଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ତ୍ରିପାଠୀ, ରାମଚନ୍ଦ୍ର ସାହାଣୀ, ପ୍ରାଣଚାନ୍ଦ ପଣ୍ଡା ଓ ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଡା. ପ୍ରାଣଚାନ୍ଦ ପଣ୍ଡା ଧନ୍ୟବାଦ ଦେଇଥିଲେ ।

■ କ୍ଷେତରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

## ୨ ମାସ ପରେ ବି ମିଳିନି ପରିଚୟ

**ବ୍ରହ୍ମପୁର ଅଫିସ,୨୯।୯**

ଜୁଲାଇ ୧୫ ତାରିଖରେ ଗୋଷାଣୀନୂଆଗାଁ ପୋଲିସ ନୂଆଖଜୁରିଆ ନିକଟ ଏକ କ୍ଷେତରୁ ଜଣେ ଅଜଣା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଥିଲା। ହେଲେ ଇତି ମଧ୍ୟରେ ୨ ମାସ ବିତିଥିଲେ ମଧ ମୃତ ଯୁବକଙ୍କ ପରିଚୟ ପୋଲିସ ସ୍ପଷ୍ଟ କରିପାରିନାହିଁ। ଯୁବକଙ୍କ ପରିଚୟ ମିଳିଲେ ସବୁ ସ୍ପଷ୍ଟ ହେବ ବୋଲି ପୋଲିସ କହିଥିଲା। ସେପଟେ ଭିସେରା ରିପୋର୍ଟ ମିଳିବା ପରେ ଯୁବକଙ୍କ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଥିଲା। ସୂଚନାଯୋଗ୍ୟ, ଜୁଲାଇ ୧୫ରେ ଜଣେ ଚାଷୀ ବିଲକୁ ଯିବା ବେଳେ ନିକଟସ୍ଥ କ୍ଷେତରେ ଏକ ମୃତଦେହ ପଡିଥିବା ଦେଖି ଗୋଷାଣୀନୂଆଗାଁ ଥାନାକୁ ଖବର କରିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ନଂ.୧୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତଦେହ ନିକଟରୁ ପୋଲିସକୁ ଏକ ଆଧାରକାର୍ଡ ମିଳିଥିଲା। ସେଥିରେ ସୁବାସ ପାତ୍ର ବୋଲି ଉଲ୍ଲେଖ ରହିଥିଲା। ତଦନ୍ତ ପରେ ସୁବାସ ପାତ୍ର ନାମକ ବ୍ୟକ୍ତି ଜୀବିତ ଥିବା ଜଣାପଡିଥିଲା। ତେଣୁ ମିଳିଥିବା ପରିଚୟପତ୍ର ମୃତ ବ୍ୟକ୍ତିଙ୍କର ନୁହେଁ ବୋଲି ପୋଲିସ କହିଥିଲା। ସେପଟେ ମୃତ ଯୁବକଙ୍କ ପରିଚୟ ମିଳି ନ ଥିବାରୁ ତାଙ୍କୁ କେହି ହତ୍ୟା କରିଥିବା ନେଇ ମଧ ଅଞ୍ଚଳରେ ଚର୍ଚ୍ଚା ହେଉଛି। କିନ୍ତୁ ଏନେଇ ଅଦ୍ୟାବଧି କିଛି ପ୍ରମାଣ ମିଳିନାହିଁ। ମୃତ ଯୁବକଙ୍କ ପରିଚୟ ମିଳିଲେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୋଲିସ ଅନୁମାନ କରୁଛି।

## ମହାମାୟୀ କଲେଜରେ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ, ୨୯।୯**




ଉପସ୍ଥିତ ଛାତ୍ରୀ ।

ସ୍ଥାନୀୟ ମହାମାୟୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ପକ୍ଷରୁ ସ୍ୱତନ୍ତ୍ର ସେବା ଶିବିର ରବିବାର ଅନଷ୍ଠିତ ହୋଇଯାଇଛି । ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ସ୍ୱଚ୍ଛ ଭାରତ, ବେଟି ବଚାଓ, ବେଟି ପଢାଓ, ଦକ୍ଷତା ବିକାଶ ଓ ପ୍ଲାଷ୍ଟିକ ମୁକ୍ତ ପରିବେଶ ଆଦି ଉପରେ ତାଲିମ ପ୍ରଦାନ କରାଯିବାକୁ ନେଇ ସୂଚନା ଦେଇଥିଲେ । ଅକ୍ଟୋବର ୪ ପର୍ଯ୍ୟନ୍ତ ସପ୍ତାହେ ବ୍ୟାପି ଚାଲିବାକୁ ଥିବା ଏହି ଶିବିରରେ ୩ ୟୁନିଟର ୭୫ ସାମାଜିକକର୍ମୀ ଭାଗ ନେଇଥିଲେ। କଲେଜ ଅଧ୍ୟକ୍ଷ ଡ. କୃଷ୍ଣପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ସଂଯୋଜିକା ସ୍ୱର୍ଣ୍ଣଲତା ପଟ୍ଟନାୟକ, ଏନ୍‌ଏସ୍‌ଏସ୍ ସଂଯୋଜିକା ସମିତା ସାହୁ, ସୁନୀତା ଜେନା ପ୍ରମୁଖ ପରିଚାଳନା କରିଥିଲେ ।

# ୱାଇଏସ୍‌ଡିର ଦିନକିଆ କର୍ମଶାଳା

**ବ୍ରହ୍ମପୁର ଅଫିସ,୨୯।୯**



କର୍ମଶାଳାରେ ଉପସ୍ଥିତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ।

'ଗ୍ରୀନ ଆକ୍ସନ ୱିକ' ପାଳନ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ୟୁଥ ଫର ସୋସିଆଲ ଡେଭଲପମେଣ୍ଟ'(ୱାଇଏସ୍‌ଡି) ପକ୍ଷରୁ ଏକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ରେଳ ଷ୍ଟେଶନ ରୋଡସ୍ଥିତ ଇକୋସ୍ ଚକ୍ଷୁ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାରେ ଗୋଷ୍ଠୀ ସହଭାଜନ ପ୍ରକ୍ରିୟା ମାଧ୍ୟମରେ କିପରି ପରିବେଶ ସନ୍ତୁଳନ ରକ୍ଷା କରାଯାଇ ପାରିବ ସେ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବର୍ତ୍ତମାନ ମନୁଷ୍ୟ ବାସଗୃହ, ଯାନବାହନ, ଗୃହ ଉପକରଣ, ଅସବାବପତ୍ର ଆଦି ପରସ୍ପର ମଧ୍ୟରେ ସେୟାର କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏପରିକି ପୂର୍ବରୁ ବ୍ୟବହାର ହୋଇଥିବା ଜିନିଷର ପୁନଃବ୍ୟବହାର ଦିଗରେ ଆଗ୍ରହ ପ୍ରକାଶ କରୁଛନ୍ତି। ଯାହାଦ୍ୱାରା ଅନେକ ଅଦରକାରୀ ଆବର୍ଜନା ତଥା ପରିବେଶ ପ୍ରଦୂଷିତ ଆବର୍ଜନା ପରିମାଣ ହ୍ରାସ ପାଉଛି। ବ୍ରହ୍ମପୁର ସହରରେ ଆବର୍ଜନା ତଥା ଅନାବଶ୍ୟକ ପୋଷାକ, ପୁସ୍ତକ ଓ ବଳକା ଖାଦ୍ୟ ନଷ୍ଟ ନ କରି ପୁନଃ ବିନିଯୋଗ ଦିଗରେ ଅନେକ ସଂସ୍ଥା କାର୍ଯ୍ୟ କରୁଛନ୍ତି । ତଥାପି ଏ ଦିଗରେ ଆହୁରି ସଚେତନତାର ଆବଶ୍ୟକତା ରହିଥିବା କର୍ମଶାଳାରେ ମତପ୍ରକାଶ ପାଇଥିଲା । ଭବିଷ୍ୟତ ପିଢିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସତତ ବିକାଶ ଲକ୍ଷ୍ୟ ଆଧାରରେ ପ୍ରତ୍ୟେକ ମନୁଷ୍ୟ ଗୋଷ୍ଠୀ ସହଭାଜନ ପ୍ରକ୍ରିୟା ଅବଲମ୍ବନ କରିବା ଆବଶ୍ୟକ ବୋଲି କୁହାଯାଇଥିଲା । କର୍ମଶାଳାରେ ଇକୋ କ୍ଲବ ସଂଯୋଜକ ଶଙ୍କର ନାରାୟଣ ବେଜ, ସିଏସିର ଗୁରୁଚରଣ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ୱାଇଏସ୍‌ଡିର ମୁଖ୍ୟ ବିଭୁ ପ୍ରସାଦ ସାହୁ କର୍ମଶାଳାର ଅଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ରବିନ ହୁଡ ଆର୍ମିର ବିଜୟ ବାଗାରିଆଙ୍କ ସମେତ ସବୁଜ ବାହିନୀ, ଆଞ୍ଚଳିକ ବିକାଶ ପରିଷଦ, ଟିମ୍ କ୍ଲିନ୍ ସିଟି ପ୍ରମୁଖ ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ । ୱାଇଏସ୍‌ଡିର ଚନ୍ଦନ କୁମାର ସାହୁ, ଅଭିରାମ କହଁର, ତାପସ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ହୃତ୍‌ପିଣ୍ଡ ଦିବସରେ ସଚେତନତା ପଦଯାତ୍ରା

**ବ୍ରହ୍ମପୁର ଅଫିସ,୨୯।୯**

ରୋଟାରି କ୍ଲବ ଅଫ ବ୍ରହ୍ମପୁର ସେଣ୍ଟ୍ରାଲ ଓ ସନ ସାଇନ ହସ୍ପିଟାଲ ପକ୍ଷରୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ ଅବସରରେ ଏକ ସଚେତନତା ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି । ଏମ୍‌କେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ରାଧାମାଧବ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ଚରଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପଦଯାତ୍ରା ଏମ୍‌କେସିଜି ମେଡିକାଲ କଲେଜ ଫାଟକ ସମ୍ମୁଖରୁ ବାହାରି ସହର ପରିକ୍ରମା କରି ପୁଣି ଏମ୍‌କେସିଜି ଫାଟକ ସମ୍ମୁଖରେ ପହଞ୍ଚିଥିଲା। କ୍ଲବ ସଭାପତି ମହେଶ ଜେନା, ସମ୍ପାଦକ ସନ୍ତୋଷ ପାଣିଗ୍ରାହୀଙ୍କ ସମେତ ସମସ୍ତ ରୋଟାରି କ୍ଲବ, ଜଗନ୍ନାଥ ମର୍ଣ୍ଣ କ୍ଲବ, ବିଭିନ୍ନ କଲେଜ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ ।



ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୩୦ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ

### ବିଭିନ୍ନ ସ୍ଥାନରେ ନବରାତ୍ର ପୂଜା



**ଆସିକା,୨୯।୯(ଡି.ଏନ୍.ଏ.):** ଆସିକା ସହର ତଥା ଗ୍ରାମାଞ୍ଚଳରେ ଥିବା ଶକ୍ତିପୀଠ ଗୁଡ଼ିକରେ ରବିବାରଠାରୁ ଶାରଦୀୟ ନବରାତ୍ର ପୂଜା ଆରମ୍ଭ ହୋଇଛି । ଆସିକାର ଆରାଧା ଦେବୀ ମା' ଖମ୍ୱେଶ୍ୱରୀ, କାଳିମୁଖି, ବସଷ୍ଟାଣ୍ଡସ୍ଥିତ ଠାକୁରାଣୀ ମନ୍ଦିର, ତାଲୁକା ରୋଡସ୍ଥିତ ବୈଷ୍ଣଦେବୀ ମନ୍ଦିର, ଦଣ୍ଡକାଳୀ ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି । ଶକ୍ତିପୀଠଗୁଡ଼ିକରେ ଶ୍ରଦ୍ଧାଳୁମାନେ ମାନସିକ ରଖି ଅଖଣ୍ଡ ଦୀପ ଲଗାଇଛନ୍ତି । ମା' ଖମ୍ୱେଶ୍ୱରୀଙ୍କ ପୀଠରେ ମହା ସପ୍ତମୀଠାରୁ ୩ ଦିନ ଧରି ଦେବୀଙ୍କ ସୁନାବେଶ ଅନୁଷ୍ଠିତ ହେବ। ମନ୍ଦିର ପରିଚାଳନା କମିଟିର ସଭାପତି ସତ୍ୟନାରାୟଣ ସ୍ୱାଇଁ, ସମ୍ପାଦକ ସଚ୍ଚିଦାନନ୍ଦ ଖଟାଇ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପୂଜା ଉତ୍ସବ ପାଳିତ ହେଉଛି ।

### ଜୁଆ ଆଡ୍ଡାରୁ ୮ ଗିରଫ

**ଆସିକା,୨୯।୯(ଡି.ଏନ୍.ଏ.):** ଗାଙ୍ଗପୁର ପୋଲିସ ଶନିବାର ଓ ରବିବାର ପୃଥକ ୨ ସ୍ଥାନରେ ଚାଲିଥିବା ଜୁଆ ଆଡ୍ଡାରେ ଚଢାଉ କରି ୮ ଜଣଙ୍କୁ ଗିରଫ କରିଛି । ଶନିବାର ରାତିରେ ଗାଙ୍ଗପୁରଠାରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢାଉ ବେଳେ ପୋଲିସ ୪ ଜଣଙ୍କୁ ଗିରଫ କରିଥିଲା । ସେଠାରୁ ୫,୨୫୦ ଟଙ୍କା ଓ ଦୁଇଟି ମୋବାଇଲ ଜବତ କରାଯାଇଛି । ଏ ନେଇ ନଂ.୧୬୬/୧୯ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି । ସେହିପରି ରବିବାର ଅପରାହ୍ନରେ ବଡବୋରସିଂ ଗ୍ରାମରେ ଚାଲିଥିବା ଜୁଆଆଡ୍ଡାରୁ ୪ ଜଣଙ୍କୁ ପୋଲିସ ଗିରଫ କରିବା ସହ ୮,୫୦୦ ଟଙ୍କା ଜବତ କରିଛି । ଏ ନେଇ ନଂ.୧୬୭/୧୯ରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଧୀରେଶ ଦାସ କହିଛନ୍ତି।

### ରାମଚଣ୍ଡୀ ପୀଠରେ ନବରାତ୍ର ପୂଜା

**ଛତ୍ରପୁର,୨୯।୯(ଡି.ଏନ୍.ଏ.):** ଛତ୍ରପୁର ଉପକଣ୍ଠ ରାମଚଣ୍ଡୀ ପୀଠରେ ରବିବାରଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଛି । ଏହି ପୂଜାରେ ବିପୁଲିଙ୍ଗି ଗାଁର ଦୁର୍ଗାପ୍ରସାଦ ପଣ୍ଡା କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ପୁରୋହିତ ନବଘନ ଆଚାର୍ଯ୍ୟ ଏହି ପୂଜା ପରିଚାଳନା କରୁଥିବା ବେଳେ ପୂଜକ ଆଦିକନ୍ଦ ରାଉଳ ସହଯୋଗ କରୁଛନ୍ତି। ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ ପରିଲକ୍ଷିତ ହେଉଛି। ସୂଚନାଯୋଗ୍ୟ, ପୂର୍ବରୁ ଏଠାରେ ଛାଗ ବଳି ଦିଆଯାଉଥିବା ବେଳେ ଗତ ୨ ବର୍ଷ ହେଲା ଏହା ବନ୍ଦ କରାଯାଇଛି ।

### କୁଇଜ୍, ବକ୍ତୃତା ପ୍ରତିଯୋଗିତା

**ପାତ୍ରପୁର,୨୯।୯(ଡି.ଏନ୍.ଏ.):** ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପରିପ୍ରେକ୍ଷୀରେ ରବିବାର ଜରଡ଼ାଗଡ଼ ପାର୍ଥ ସାରଥି ସେବା ସଂସଦ ତରଫରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସବ୍ ଜୁନିୟର, ଜୁନିୟର୍ ଏବଂ ସିନିୟର୍ ବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା ହୋଇଯାଇଛି । ପ୍ରତିଯୋଗିତା ଉଦ୍‌ଘାଟନୀରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସ ପ୍ରଧାନ, ରାଜ୍ୟ ଶିକ୍ଷକ ସଂଘ ସଭାପତି ରାଜେଶ ମହାନ୍ତି, ଗଞ୍ଜାମ ଜିଲା ଶିକ୍ଷକ ସଂଘ ସଭାପତି ଶଶାଙ୍କ କୁମାର ପ୍ରଧାନ, ପ୍ରଫୁଲ୍ଲ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଥମେ କୁଇଜ୍ ପ୍ରତିଯୋଗିତା ହୋଇଥିଲା । ପରେ 'ସ୍ୱଚ୍ଛତା ଓ ଅହିଂସାର ପୂଜାରୀ ଗାନ୍ଧିଜୀ' ଶୀର୍ଷକକୁ ନେଇ ବକ୍ତୃତା ପ୍ରତିଯୋଗିତା ହୋଇଥିଲା । ବିଚାରକ ଭାବେ ସୀମାଞ୍ଚଳ ପଣ୍ଡା, ରଞ୍ଜିତ କୁମାର ପାଢ଼ୀ ଓ ରାଜେଶ ମହାନ୍ତି ଯୋଗ ଦେଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୨ ତାରିଖ ଗାନ୍ଧୀ ଜୟନ୍ତୀରେ ପାର୍ଥସାରଥି ଧାମର ବିଜୁ ମଣ୍ଡପ ଠାରେ ପୁରସ୍କୃତ କରାଯିବ ।

### ଆକ୍ରମଣ ଘଟଣା, ଜଣେ ଗିରଫ

**ଛତ୍ରପୁର,୨୯।୯(ଡି.ଏନ୍.ଏ.):** ଛତ୍ରପୁର ଥାନା ଅନ୍ତର୍ଗତ ପୋଡାପଦର ଗାଁର ବି. ଲୋକନାଥଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ସେହି ଗାଁର ସୋମା ପାତ୍ରଙ୍କୁ ରବିବାର ଛତ୍ରପୁର ପୋଲିସ ଗିରଫ କରିଛି । ପୂର୍ବରୁ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ହୋଇଥିଲା । ପରେ ସୋମା ଆକ୍ରମଣ କରିଥିବା ନେଇ ଥାନାରେ ଲୋକନାଥ ଏତଲା ଦେଇଥିଲେ । ପୋଲିସ ଏକ ମାମଲା (ନଂ.୨୩୪/୧୯) ରୁଜୁ କରି ସୋମାଙ୍କୁ ଗିରଫ କରିଛି।

■ ସଡ଼କ ସୁରକ୍ଷା କମିଟି ବୈଠକ

# ଜାତୀୟ ରାଜପଥରେ ଲାଗିବ ସିସି କ୍ୟାମେରା

■ ଛତ୍ରପୁର, ହଳଦିଆପଦରରେ କଣ୍ଟ୍ରୋଲ ରୁମ୍

■ ସବୁ କଲେଜରେ ଡ୍ରାଇଭିଂ ଲାଇସେନ୍ସ କ୍ୟାମ୍ପ

**ଛତ୍ରପୁର,୨୯।୯(ଡି.ଏନ.ଏ.)**

ଗଞ୍ଜାମ ଜିଲା ଦେଇ ଯାଇଥିବା ଜାତୀୟ ରାଜପଥର ବିଭିନ୍ନ ଛକରେ ସିସି କ୍ୟାମେରା ଲାଗିବ । ଏହାର ମନିଟରିଂ ପାଇଁ ଛତ୍ରପୁର ଓ ହଳଦିଆପଦରଠାରେ କଣ୍ଟ୍ରୋଲ ରୁମ୍ ରହିବ । ରବିବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଜିଲା ସଡ଼କ ପରିବହନ କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ପରିବହନ ଓ ସ୍ଥାନୀୟ ପୋଲିସର ପରାମର୍ଶ ନେଇ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଏନ୍‌ଏଚ୍ଏଆଇ ପିଡିଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ସିସି କ୍ୟାମେରା ଫୁଟେଜରୁ ବେପରୁଆ ଗାଡି ଚାଳନା ଓ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ସମ୍ପର୍କରେ ଜାଣିହେବ ଏବଂ ପରେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜାତୀୟ ରାଜପଥରେ ବୁଲୁଥିବା ଗୋରୁଙ୍କୁ ପ୍ରଶାସନ ପକ୍ଷରୁ ଧରାଯିବ ବୋଲି ସୂଚନା ମିଳିଛି। ସେହିପରି ଖଲ୍ଲିକୋଟ ଘାଟିରେ ବଟି ଆଦାୟ ହେଉଥିବା ଅଭିଯୋଗ ହେଉଛି । ସେଠାରେ ନିୟମିତ ପୋଲିସ ପାଟ୍ରୋଲିଂ କରିବ । ଉକ୍ତ ଘାଟିର ଅନ୍ଧାର ସ୍ଥାନରେ ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ଲଗାଯିବ । ହଳଦିଆପଦରଠାରେ ପୂର୍ବ ନିଷ୍ପତ୍ତି ଅନୁସାରେ ଏନଏଚ୍ଏଆଇ ନିର୍ମାଣ କାର୍ଯ୍ୟ କରି ନ ଥିବାରୁ ଜିଲାପାଳ ତାଗିଦ୍ କରିଥିଲେ। ଜାତୀୟ ରାଜପଥ ପାର୍ଶ୍ୱରେ ଘରୋଇ ଜମି ଚିହ୍ନଟ କରି ସେଠାରେ ପାର୍କିଂ କରିବାକୁ ଟ୍ରକ୍ ଆସୋସିଏଶନକୁ ଜିଲାପାଳ କହିଥିଲେ। ବ୍ରହ୍ମପୁର ସହରରେ ପୂର୍ବ ନିଷ୍ପତ୍ତି ପ୍ରକାରେ ଷ୍ଟପେଜରେ ବସ ନ ରଖିଲେ ଜରିମାନା ଆଦାୟ କରାଯିବ । ଜିଲାର ସମସ୍ତ କଲେଜରେ ଡ୍ରାଇଭିଂ ଲାଇସେନ୍ସ ପାଇଁ କ୍ୟାମ୍ପ କରାଯିବ ବୋଲି ସ୍ଥିର ହୋଇଛି। ହେଲମେଟ୍ ନ ପିନ୍ଧି ଛାତ୍ରୀଛାତ୍ର କଲେଜକୁ ଗଲେ ପ୍ରିନ୍ସପାଲ ଦାୟୀ ରହିବେ । ୨ ଚକିଆ ଗାଡି ଚଳାଉଥିବା ସମସ୍ତ ସରକାରୀ କର୍ମଚାରୀ ହେଲମେଟ୍ ପିନ୍ଧି ଆସିବେ । ଏଥିରେ ଖିଲାପ କଲେ ଆଇନ୍ ଅନୁଯାୟୀ ଜରିମାନା ଆଦାୟ ହେବ । ଅଗଷ୍ଟ ମାସରେ ଦୁର୍ଘଟଣାରେ ୪୯ ଜଣଙ୍କ ମୃତ୍ୟୁ ହୋଇଛି । ଗତ ୮ ମାସ ମଧ୍ୟରେ ବିଭିନ୍ନ ସ୍ଥାନରେ ୫୧୮ ଦୁର୍ଘଟଣା ଘଟିଥିଲା। ଏଥିରେ ୨୮୦ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ, ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତାତ୍ରେୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଆରଟିଓ ସଞ୍ଜୟ ବିଶ୍ୱାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ ପାଣିଗ୍ରାହୀ, ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା, ଛତ୍ରପୁର ଏସଡିପିଓ ଉତ୍କଳ କେଶରୀ ଦାସ, ବ୍ରହ୍ମପୁର ଟ୍ରାଫିକ୍ ଡିଏସ୍‌ପି ରାମକୃଷ୍ଣ ପତି, କମିଟିର ସଦସ୍ୟ ଅନିଲ ପାଢୀ ଓ ବସନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

## ଧନେଇ ଡ୍ୟାମ୍‌ରେ ବୁଡ଼ି ନାବାଳକ ମୃତ

**ପୋଲସରା/ହାତୀଓଟ,୨୯।୯**

ପୋଲସରା ବ୍ଲକ ଧନେଇ ଡ୍ୟାମରେ ରବିବାର ଗାଧୋଇଯିବାବେଳେ ଗୋଡ ଖସିଯିବାରୁ ପଥରତଳେ ଚାପିହୋଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚିରିକିପଡା ଶାସନ ଆଡୁଆସାହିର ମନୁ ସାହୁଙ୍କ ପୁତ୍ର ସିଦ୍ଧାନ୍ତ (୧୪)। ରବିବାର ଛୁଟି ଥିବାରୁ ସାଙ୍ଗମାନଙ୍କ ସହ ସିଦ୍ଧାନ୍ତ ଧନେଇ ଡ୍ୟାମକୁ ଗାଧୋଇ ଯାଇଥିଲେ। ପଥରରେ ଶିଉଳି ଲାଗିଥିବାରୁ ସିଦ୍ଧାନ୍ତଙ୍କ ଗୋଡ ଖସି ଯାଇଥିଲା। ପାଣିଧାରରେ ଭାସିଯିବାପରେ ଏକ ପଥର ଖଣ୍ଡ ଗଡି ଗଡି ଯାଇ ତାଙ୍କୁ ଚାପି ଦେଇଥିଲା। ସେ ପଥର ତଳେ ଚାପିହୋଇ ରହି ଯାଇଥିଲେ। ଖବର ପାଇ ଚିରିକିପଡା ଶାସନ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ପୋଲସରା ଦମକଳ କେନ୍ଦ୍ରକୁ ଖବର ଦେବାସହ ଗ୍ରାମରେ ଥିବା ଏକ ଜେସିବି ସହାୟତାରେ ପଥର ଖଣ୍ଡକୁ ଉଠାଇ ନାବାଳକଙ୍କୁ ଉଦ୍ଧାର କରାଯାଇଥିଲା। ପରେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡା. ଗୋପବନ୍ଧୁ ବେହେରା ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇବା ସହ ନଂ.୧୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ଏଏସ୍‌ଆଇ ବାବୁଲାଲ ରାଉଳ କହିଛନ୍ତି।



ନାବାଳକଙ୍କୁ ଉଦ୍ଧାର କରୁଛନ୍ତି ଅଗ୍ନିଶମ କର୍ମଚାରୀ।

## ଓଡ୍ର ଖଣ୍ଡାୟତ କାଳଞ୍ଜୀ ସମାଜ ପ୍ରତିଭା ସମ୍ମାନ ଉତ୍ସବ




ଏମ୍‌ପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭଞ୍ଜନଗର,୨୯।୯(ଡି.ଏନ୍.ଏ.)**

ନିଖିଳ ଉତ୍କଳ ଓଡ୍ର ଖଣ୍ଡାୟତ କାଳଞ୍ଜୀ ସମାଜର ପ୍ରତିଭା ସମ୍ମାନ ଉତ୍ସବ ରବିବାର ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ କୂଳର କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୂଳର ବିକାଶ ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦେବି ବୋଲି ମଧ୍ୟ କହିଥିଲେ। କେନ୍ଦ୍ରୀୟ ସଭାପତି କୋରାନାଥ ସ୍ୱାଇଁ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। କର୍ମକର୍ତ୍ତା ରଞ୍ଜନ ପୋଲେଇ, କଇଣ୍ଡି ଅଞ୍ଚଳ ସଭାପତି ଜଗବନ୍ଧୁ ଜେନା, ଉପଦେଷ୍ଟା ସୀତାରାମ ଜେନା, ଶ୍ୟାମସୁନ୍ଦର ରଣସିଂ, ବିଭୂତି ଜେନା ପ୍ରମୁଖ ଯୋଗଦେଇ କୂଳର ବିଭିନ୍ନ ସମସ୍ୟା ଓ ନିରାକରଣ ଉପରେ କହିଥିଲେ। ଏହି ଅବସରରେ ଏମ୍‌ପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ମାଟ୍ରିକ୍‌ରେ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ଓ ଯୁକ୍ତ୨ରେ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଥିବା କୂଳର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ସନ୍ତୋଷ ଜେନା ସଭା ସଂଯୋଜନା କରିଥିଲେ। ସଙ୍ଗଠନ ସମ୍ପାଦକ ନୀଳାଞ୍ଚଳ ପୋଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଅହିଂସା ରଥକୁ ସ୍ୱାଗତ

**ବେଗୁନିଆପଡ଼ା, ୨୯।୯(ଡି.ଏନ୍.ଏ.)**

ରବିବାର ବେଗୁନିଆପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଅହିଂସା ରଥକୁ ସ୍ୱାଗତ କରାଯାଇଛି। ଏହାକୁ ମଠସରସିଂରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ପରେ ମେଡିକାଲ ଛକ, ଖଣ୍ଡିଆନଈ ଛକ, ଏସ୍. ଛଚିନା ଠାରେ ସ୍ୱାଗତ କରାଯାଇଥିଲା। ଏହା ପରେ ସୁମଣ୍ଡଳରେ ବିଦାୟକାଳୀନ ସଭାରେ ଉପସ୍ଥିତ ମହିଳା ଓ ପୁରୁଷମାନଙ୍କୁ ହିଂସା ପରିତ୍ୟାଗ କରି ଅହିଂସା ମନ୍ତ୍ରରେ ଦୀକ୍ଷିତ ହେବା ପାଇଁ ଶପଥ ପାଠ ହୋଇଥିଲା। ଏଥିରେ ଗାନ୍ଧୀ ବେଶଧାରୀ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ବିଡିଓ ପ୍ରଦୀପ କୁମାର ପଣ୍ଡା, ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡି, ତ୍ରିନାଥ ଭୂୟାଁ, ମହେଶ୍ୱର ବରାଡ଼, ସରପଞ୍ଚ, ସମିତିସଭ୍ୟ ଓ ଶତାଧିକ ମହିଳା, ପୁରୁଷ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ସ୍ୱାଗତ କରିଥିଲେ।

## ଗଛପଡ଼ି ୨ ଗୁରୁତର

**ଖଜୁରିପଡା,୨୯।୯(ଡି.ଏନ୍.ଏ.)**

ଖଜୁରିପଡା ବ୍ଲକରେ ରବିବାର ସନ୍ଧ୍ୟାରୁ ବର୍ଷା ପବନ ଜାରି ରହିଛି। ସୁଦ୍ରୁକୁମ୍ପା ଫାଣ୍ଡି ସ୍ୱଡ୍ରେଜୁ ପଞ୍ଚାୟତ ଭେଟଖୋଲ ନିକଟ ୧୫୭ନଂ. ଜାତୀୟ ରାଜପଥରେ ଛିଡା ହୋଇଥିବାବେଳେ ଶାଳଗଛ ପଡିବାରୁ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପ୍ରଭାକର ବର୍ଗର୍ତ୍ତି, ଦେବେନ୍ଦ୍ର କହଁର। ସେହିପରି ମିଶ୍ର ରଣା ଆହତ ହୋଇଛନ୍ତି। ପ୍ରଭାକର ଓ ଦେବେନ୍ଦ୍ର ସନ୍ଧ୍ୟାରେ ଲାଇନପଡାରୁ ଭୋଜିଖାଇ ବାଇକରେ ଫେରୁଥିଲେ। ଭେଟଖୋଲ ନିକଟରେ ମିଶ୍ରଙ୍କ ସହ ତାଙ୍କର ଦେଖାହେବାରୁ ଏକ ଶାଳଗଛ ମୂଳେ ଛିଡାହୋଇ କଥା ହେଉଥିଲେ। ଏହି ସମୟରେ ଗଛଟି ଉପୁଡି ସେମାନଙ୍କ ଉପରେ ପଡିଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ବାର୍ଷିକ ଉତ୍ସବ, ରକ୍ତଦାନ ଶିବିର

**ଭଞ୍ଜନଗର,୨୯।୯(ଡି.ଏନ୍.ଏ.)**

ଓଡିଶା ଗୋଲ୍ଡ ଆପ୍ରାଇଜର ଆସୋସିଏଶନ ଏବଂ ଭାରତୀୟ ମାନବ ସୁରକ୍ଷା ଜନଜାଗରଣ ସଙ୍ଗଠନ ଭଞ୍ଜନଗର ଶାଖାର ଷଷ୍ଠ ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୮ ପ୍ୟାକେଟ ରକ୍ତ ସଂଗୃହୀତ ହୋଇଥିଲା। ଭଞ୍ଜନଗର ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ। ଉତ୍ସବରେ ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାନା ଅଧିକାରୀ ସୁଦୀପ୍ତ ସାହୁ, ୟୁକୋ ବ୍ୟାଙ୍କ ଶାଖା ପରିଚାଳକ କଳ୍ପନା ବେହେରା, ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ପରିଚାଳକ ରାଜେଶ କୁମାର ମଲ୍ଲିକ, ବ୍ୟାଙ୍କ୍ ଅଫ୍ ବରୋଦା ଶାଖା ପରିଚାଳକ ସୌରଭ କୁମାର ବେହେରା, ଜିଲା ସ୍ୱର୍ଣ୍ଣକାର ସଂଘ ଉପ ସଭାପତି ଶମ୍ଭୁଲିଙ୍ଗମ୍ ଆଚାରୀ, ଯୁବ ରେଡକ୍ରସ ଜିଲା ସଂଯୋଜକ ବି. ଗୋବିନ୍ଦ ରାଓ, ଭାରତୀୟ ମାନବ ଅଧିକାର ଜନଜାଗରଣ ସହ ସମ୍ପାଦକ ରାଜେଶ କୁମାର ନାୟକ, ଆଶିଷ କୁମାର ଗୌଡ, ଲକ୍ଷ୍ମୀ ନାରାୟଣ ପାତ୍ର, ବ୍ରଜେନ୍ଦ୍ର ପାଣିଗ୍ରାହୀ, ବିନୋଦ କୁମାର ଗୌଡ, ପ୍ରମୁଖ ଅତିଥିଭାବେ ଯୋଗଦେଇ ମତ ରଖିଥିଲେ। ଜିଲା ସଭାପତି ଏସ୍. ଦୁର୍ଗା ମାଧବ ଆଚାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ସଂଘର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।




ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥି।

## ଆଇଆଇଏସ୍‌ଇଆର୍ ଭିତ୍ତିଭୂମି ଉନ୍ନୟନକୁ ଗୁରୁତ୍ୱ

**ଭୁବନେଶ୍ୱର,୨୯।୯(ବ୍ୟୁରୋ)**

ବ୍ରହ୍ମପୁରସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥାନ(ଆଇଆଇଏସ୍‌ଇଆର) ସ୍ଥାୟୀ କ୍ୟାମ୍ପସକୁ ରାସ୍ତା, ଜଳ ଏବଂ ବିଦ୍ୟୁତ ଯୋଗାଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡାଯାଇଛି। ସଂସ୍ଥାନର ଆବଶ୍ୟକତାକୁ ଅନୁଭବ କରି ରାଜ୍ୟ ପ୍ରଶାସନ ପକ୍ଷରୁ ପୂର୍ତ୍ତ ବିଭାଗକୁ ପଦକ୍ଷେପ ନେବାକୁ କୁହାଯାଇଥିଲା। ଏହା ପରେ ପୂର୍ତ୍ତ ବିଭାଗ ମଧ୍ୟ ମୁଖ୍ୟ ଯନ୍ତ୍ରୀ(ଡିପିଆଇ ଏବଂ ରାସ୍ତା)/କୋଠାବାଡିଙ୍କୁ ଚିଠି ଲେଖି ସମସ୍ୟାର ସମାଧାନ ନେଇ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଏହି ସଂସ୍ଥାନକୁ ଯାଇଥିବା ରାସ୍ତା ଉନ୍ନତୀକରଣ ସହ ପୂର୍ଣ୍ଣ ସଂଯୋଗୀକରଣ କରାଯିବାର ଆବଶ୍ୟକତା ରହିଛି। ହେଲେ ଦୀର୍ଘଦିନ ଧରି ଏହି କାର୍ଯ୍ୟ ହୋଇପାରିନାହିଁ। ସ୍ଥାନୀୟ କୋରାପାଲି-ମାର୍କଣ୍ଡି-ଲାଉଡିଗ୍ରାମରୁ ସ୍ଥାୟୀ କ୍ୟାମ୍ପସକୁ ଯାଇଥିବା ରାସ୍ତାର ଉନ୍ନତି କରାଯିବାର ଆବଶ୍ୟକତା ରହିଛି। ଗୋଟିଏ ପଟେ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ଦ୍ରୁତଗତିରେ ଚାଲୁଛି, ହେଲେ ସେହି ସ୍ଥାନକୁ ଯୋଗାଯୋଗ କରୁଥିବା ରାସ୍ତା ନିମ୍ନମାନର ରହିଛି। ସେହିପରି ରଷିକୁଲ୍ୟାରୁ କ୍ୟାମ୍ପସକୁ ସିଧାସଳଖ ପାଇପଲାଇନ ପ୍ରକଳ୍ପ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଆବଶ୍ୟକ ଡିପିଆର କ୍ୟାବିନେଟ୍‌ର ମଞ୍ଜୁରୀ ପାଇଥିବା ଜଣାପଡିଛି। ଅନୁରୂପ ଭାବେ କ୍ୟାମ୍ପସ୍‌ରେ ବିଦ୍ୟୁତ ବ୍ୟବସ୍ଥା ପାଇଁ ୭.୬୭ କୋଟି ଟଙ୍କାର ବ୍ୟୟବରାଦ ରହିଛି। କନିଷି ସବ୍‌ଷ୍ଟେଶନରୁ ୩୩ କେ.ଭି ଲାଇନ ଦ୍ୱାରା କ୍ୟାମ୍ପସକୁ ଶକ୍ତି ଯୋଗାଯିବ। ଏହା ସ୍ଥାୟୀ କ୍ୟାମ୍ପସଠାରୁ ୧୨.୫ କି.ମି.ଦୂରରେ ଅବସ୍ଥିତ। ହେଲେ କ୍ୟାମ୍ପସ ପାଇଁ ନିକଟସ୍ଥ ନରେନ୍ଦ୍ରପୁର ଗ୍ରୀଡ୍‌ରୁ ଏକ ସ୍ୱତନ୍ତ୍ର ୩୩ କେ.ଭି. ବିଦ୍ୟୁତ ବ୍ୟବସ୍ଥା ଦରକାର ହେଉଥିବା କୁହାଯାଇଛି। ଏହି ପ୍ରସଙ୍ଗରେ ଗତ ୨୦ରେ ଆଇଆଇଏସ୍‌ଇଆର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖାଯାଇଥିଲା।

## ଆର୍‌ଟିଓ ଅଫିସରୁ ୪ ଦଲାଲ୍ ଗିରଫ

**ଫୁଲବାଣୀ ଅଫିସ, ୨୯।୯**

ରାଜ୍ୟର ବିଭିନ୍ନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଡାକ୍ତରଖାନାରୁ ଦଲାଲମାନଙ୍କୁ ହଟାଇବାକୁ ଜୋରଦାର ଧରପଗଡ ଚାଲିଛି। ଫୁଲବାଣୀ ଟାଉନ ଥାନା ପୋଲିସ ପକ୍ଷରୁ ଶନିବାର ସ୍ଥାନୀୟ ଆର୍‌ଟିଓ କାର୍ଯ୍ୟାଳୟରୁ ୪ ଜଣ ଦଲାଲ୍‌ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ନରେଶ କୁମାର ସାହୁ ସୂଚନା ଦେଇଛନ୍ତି। ସେମାନଙ୍କ ନାମରେ ନଂ.୧୩୮/୨୦୧୯ ମାମଲା ରୁଜୁ କରାଯାଇଛି। ତେବେ ଜିଲା ମୁଖ୍ୟ ଡାକ୍ତରଖାନା ଓ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ମଧ୍ୟ ଦଲାଲଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଡାକ୍ତରଖାନାରେ ସମସ୍ତ ସେବା ମାଗଣା ମିଳୁଥିବା ବେଳେ କିଛି ଦଲାଲ ରୋଗୀଙ୍କୁ ବେସରକାରୀ ପାଥୋଲାବ ଓ ମେଡିସିନ୍ ଦୋକାନରୁ ମେଡିସିନ ଆଣିବାକୁ ପ୍ରବର୍ତ୍ତାଇ ନେଉଛନ୍ତି। ସେମାନଙ୍କୁ ଡାକ୍ତରଖାନାର କିଛି ଅସାଧୁ କର୍ମଚାରୀ ମଧ୍ୟ ପ୍ରୋତ୍ସାହନ କରୁଛନ୍ତି। ତୁରନ୍ତ ଏଠାରେ ଚଢାଉ କରିବାକୁ ଦାବି ହେଉଛି।

## ବାଲି ବୋଝେଇ ୪ ଟ୍ରକ୍ ଜବତ

**ପାତ୍ରପୁର,୨୯।୯(ଡି.ଏନ୍.ଏ.)**

ପାତ୍ରପୁର ତହସିଲ ଅନ୍ତର୍ଗତ କେଲୁଆ ନିକଟରେ ତହସିଲଦାର ଡ଼. ଶ୍ରୀନିବାସ ବେହେରା ରବିବାର ଚଢ଼ାଉ କରି ୪ ବାଲି ବୋଝେଇ ଟ୍ରକ ଜବତ କରିଛନ୍ତି। ଉକ୍ତ ବାଲି ଆନ୍ଧ୍ରପ୍ରଦେଶକୁ ଚୋରାଚାଲାଣ ହେଉଥିଲା। ଟିକିଟି ତହସିଲ ପାଣ୍ଡିରି ଅଞ୍ଚଳରୁ ଦୈନିକ ଟ୍ରକଗୁଡିକରେ ବାଲି ବୋଝେଇ ହୋଇ ପାତ୍ରପୁର ରାସ୍ତା ଦେଇ ଆନ୍ଧ୍ରପ୍ରଦେଶର ବିଭିନ୍ନ ସହରକୁ ଚାଲାଣ ହେଉଥିବା ନେଇ ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହେଉଥିଲା। ତେଣୁ ପାତ୍ରପୁର ତହସିଲ ପ୍ରଶାସନ ପକ୍ଷରୁ ଏଭଳି ଚଢ଼ାଉ କରାଯାଇଛି। ଟ୍ରକ ନଂ. ଏପି୦୯ଏକ୍ସ୧୫୪୪, ଏପି୧୬ଟିୟୁ୪୫୩୨, ଏପି୨୧ୟୁ୯୪୭୯ ଏବଂ ଏପି୨୮ଟିୟୁ୫୮୬ରେ ବାଲି ଭର୍ତ୍ତି ହୋଇ ବିଭିନ୍ନ ଗ୍ରାମ ଦେଇ ଯାଉଥିବା ବେଳେ ତହସିଲଦାର ବେହେରା ଅଟକାଇ ଚାଳକଙ୍କୁ କାଗଜପତ୍ର ମାଗିଥିଲେ । ସେମାନେ ଠିକ କାଗଜପତ୍ର ଦେଖାଇ ନ ପାରିବାରୁ ୪ ଟ୍ରକକୁ ଜବତ ପରେ ଜରଡ଼ା ଥାନାକୁ ହସ୍ତାନ୍ତର କରାଯାଇଛି ।



ଜବତ ହୋଇଥିବା ଟ୍ରକ।

## ଘୁମୁସର ଗବେଷଣା ପ୍ରତିଷ୍ଠାନ ବୈଠକ

**ଭଞ୍ଜନଗର,୨୯।୯(ଡି.ଏନ୍.ଏ.)**

ଘୁମୁସର ଗବେଷଣା ପ୍ରତିଷ୍ଠାନର ସାଧାରଣ ବୈଠକ ରବିବାର ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଡ. ନୀଳାଞ୍ଚଳ ମୁନି ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଡ. ଶ୍ୟାମା ପ୍ରସାଦ ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ଡ. ତପନ ପ୍ରସାଦ ମିଶ୍ର, ସଭ୍ୟ ବିପିନ ପାଢ଼ୀ, ଡ. ଦାମୋଦର ଷଡ଼ଙ୍ଗୀ, ନେତାଜୀ ବିଷୋୟୀ, ଅଶୋକ ସ୍ୱାଇଁ, ଡ. ଗୁରୁମୂର୍ତ୍ତି ନାୟକ, ଅଜୟ ବିଶ୍ୱାଳ, ଡ. ଦେବେନ୍ଦ୍ର କୁମାର ରଥ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ନଭେମ୍ବର ୧୦ରେ ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ହେବ। ଏଥିପାଇଁ ଲେଖକମାନଙ୍କଠାରୁ ଲେଖା ଆହ୍ୱାନ କରାଯାଇଥିଲା। ଏଥିସହ ଗତ ବାର୍ଷିକ ସମ୍ମିଳନୀରେ ପଠନ ହୋଇଥିବା ପ୍ରବନ୍ଧ ଗୁଡିକୁ ନେଇ ପୁସ୍ତକ ପ୍ରକାଶନ ପାଇଁ ନିଷ୍ପତ୍ତି ହୋଇଥିଲା। ସହରର ସମସ୍ତ ହାଇସ୍କୁଲରେ ଘୁମୁସର ବିପ୍ଳବ ଉପରେ ବକ୍ତୃତା ପ୍ରତିଯୋଗିତା କରିବାକୁ ନିଷ୍ପତ୍ତି ହୋଇଥିଲା। ସହ ସମ୍ପାଦକ ଡ. ରବୀନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ସଂକ୍ଷେପରେ

### ମା' ତାରାତାରିଣୀ, ଦକ୍ଷିଣ କାଳୀଙ୍କ ପୀଠରେ ନବରାତ୍ର ପୂଜା ଆରମ୍ଭ



**ପୁରୁଷୋତ୍ତମପୁର,୨୯।୯(ଡି.ଏନ.ଏ.):** ଦକ୍ଷିଣ ଓଡିଶାର ପ୍ରସିଦ୍ଧ ଶକ୍ତିପୀଠ ମା' ତାରାତାରିଣୀ ଓ ଜଳେଶ୍ୱର ଖଣ୍ଡି ଗ୍ରାମରେ ବିଜେ ମା'ଦକ୍ଷିଣ କାଳୀଙ୍କ ପୀଠରେ ନବରାତ୍ର ପୂଜା ରବିବାରଠାରୁ ଆରମ୍ଭ ହୋଇଛି। ଏଥିଲାଗି ଉଭୟ ପୀଠରେ ସକାଳୁ ଭକ୍ତ ମାନଙ୍କ ଭିଡ ଜମିବାରେ ଲାଗିଛି। ମହାନବମୀ ପର୍ଯ୍ୟନ୍ତ ପୂଜା ଚାଲିବ। ଭୋର ସାଢେ ୪ଟାରୁ ମା' ତାରା ତାରିଣୀଙ୍କ ମାଜଣା, ମଙ୍ଗଳ ଆଳତି ହୋଇ ସହ ଶୈଳବତି ପୂଜା, ସହସ୍ର ନାମ ଆଳତି ଆଦି ପରମ୍ପରା ଅନୁଯାୟୀ ପୂଜା ପାଠ କରାଯାଇ ସକାଳ ୬ଟାରେ ସାହାଣ ମେଲା ହୋଇଥିଲା। ଭକ୍ତମାନେ ମା'ଙ୍କ ଦର୍ଶନ କରିଥିଲେ। ମୁଖ୍ୟ ପୁରୋହିତ ପ୍ରତାପପୁର ଗ୍ରାମର ପଣ୍ଡିତ ସୀମାଞ୍ଚଳ ଦାଶ ଶର୍ମା ଓ ସହଯୋଗୀ ଅରୁଣ ଦାଶ ଶର୍ମା, ପୂଜକ ବାପୁଜୀ ରଣା, ତପନ ରଣାଙ୍କ ସମେତ ସମସ୍ତ ପୂଜକ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ସେହିପରି ଦକ୍ଷିଣ କାଳୀଙ୍କ ପୀଠରେ ମଧ ପୂଜା ଆରମ୍ଭ ହୋଇଛି। ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ପୁରୁଷୋତ୍ତମପୁର ଏସ୍‌ଡିପିଓ ନିମାଇଁ ଚରଣ ସେଠୀ, ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ, ଏସ୍ଆଇ ସୁନିଲ କୁମାର ପ୍ରଧାନ, ଏଏସ୍ଆଇ ରବିନ୍ଦ୍ର ନାଥ ପାଣିଗ୍ରାହୀଙ୍କ ସମେତ ପୋଲିସ, ହୋମଗାର୍ଡ ମୁତୟନ ରହିଥିଲେ।

### ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର

**କ.ନୂଆଗାଁ, ୨୯।୯:** କ. ନୂଆଗାଁ ବ୍ଲକ କଞ୍ଜାମେଣ୍ଡି ପଞ୍ଚାୟତ କାର୍ଯ୍ୟାଳୟର ସଭାଗୃହରେ ରବିବାର ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଞ୍ଜାମେଣ୍ଡି ସରପଞ୍ଚ ସାନିରା ପ୍ରଧାନ ସଭାପତିତ୍ୱ କରିଥିଲେ। ବୈଠକରେ ବାଲିଗୁଡା ବିଧାୟକ ଚକ୍ରମଣି କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ବିଧାୟକଙ୍କୁ ସ୍ୱାଗତ କରାଯାଇଥିଲା। ମଜୁରୀ ବୃଦ୍ଧି, ସାମାଜିକ ସୁରକ୍ଷାରେ ସମସ୍ତ ଭତ୍ତା ବୃଦ୍ଧି, ପାନୀୟ ଜଳ ଯୋଗାଣ, ଉନ୍ନତମାନର ସ୍ୱାସ୍ଥ୍ୟସେବା ଆଦି ୧୯ ଦଫା ସମ୍ବଳିତ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ବିଧାୟକ କହଁର ସରକାରଙ୍କୁ ଜଣାଇବେ ବୋଲି କହିଥିଲେ। ବାଲିଗୁଡା ନିର୍ବାଚନମଣ୍ଡଳୀର ଜୀବିକା ସୁରକ୍ଷା ମଞ୍ଚ କର୍ମକର୍ତ୍ତାମାନଙ୍କ ସହ ଆବାହକ ଅଞ୍ଜନ ପ୍ରଧାନ, ମିନକେତନ ଦିଗାଲ, ସଂଯୋଜକ ସିଦ୍ଧେଶ୍ୱର ନାୟକ, ପ୍ରଫୁଲ୍ଲ ଦିଗାଲ, ରାଜୀବ ପ୍ରଧାନ, ନମିତା ଦିଗାଲ, ଚନ୍ଦ୍ରମା ବିହାଣି ପ୍ରମୁଖ ଉପସ୍ଥିତ ଥିଲେ।

### ସଫେଇ କାର୍ଯ୍ୟକ୍ରମ

**ଖଜୁରିପଡ଼ା,୨୯।୯(ଡି.ଏନ.ଏ.):** ଖଜୁରିପଡ଼ା ବ୍ଲକ ବଲସକୁମ୍ପାରେ ଅବସ୍ଥିତ କନ୍ଧମାଳ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ବରାଳ ଦେବୀଙ୍କ ପୀଠରେ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ପର୍ଯ୍ୟଟନ ବିଭାଗ କନ୍ଧମାଳ ପକ୍ଷରୁ ଶୁକ୍ରବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରାଳ ଦେବୀ ଯୁବକ ସଂଘ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ବଲସକୁମ୍ପାର ସଦସ୍ୟା ସଦସ୍ୟମାନେ ଯୋଗଦେଇ ସଫେଇ କରିଥିଲେ। ପରେ ଗାଁ ପରିକ୍ରମା କରି ଜନସାଧାରଣଙ୍କୁ ସ୍ୱଚ୍ଛ ଭାରତ ସ୍ୱଚ୍ଛ ଓଡ଼ିଶା ରଖିବା ପାଇଁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ ଅଧିକାରୀ ଗଗନ କୁମାର ସାହୁ, ପ୍ରମୋଦ କୁମାର ନାୟକ, ମା' ବରଳ ଦେବୀ ମନ୍ଦିର କମିଟିର ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସମ୍ପାଦକ ସଞ୍ଜୟ କହଁର ଓ ମା' ବରାଳ ଦେବୀ ଯୁବକ ସଂଘର ସଭାପତି ଦିଲୀପ ଦଳ ବେହେରା ପ୍ରମୁଖ ଯୋଗଦେଇଥିଲେ ।

### ବାଘୁଆ ଜଳଭଣ୍ଡାରର ଗୋଟିଏ ଗେଟ୍ ବନ୍ଦ

**ବୁଗୁଡ଼ା,୨୯।୯(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ମତାଝରି ନିକଟରେ ଥିବା ବାଘୁଆ ଜଳଭଣ୍ଡାର ଜଳସ୍ତର ୩୧୦୦ ହେକ୍ଟର ମିଟରରୁ କମି ରବିବାର ୨୮୪୫ ହେକ୍ଟର ମିଟରରେ ପହଞ୍ଚିଛି। ପୂର୍ବରୁ ବନ୍ୟାଜଳ ନିଷ୍କାସନ ପାଇଁ ବାଘୁଆ ସ୍ପିଲୱେ ଦେଇ ୨ ଗେଟ୍ ଖୋଲା ଯାଇଥିଲା। ଶନିବାରରୁ ଗୋଟିଏ ଗେଟ ବନ୍ଦ କରାଯିବା ସହ ଆଉ ଗୋଟିଏ ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ କରାଯାଉଛି। ଗୋଟିଏ ଗେଟରେ ବର୍ତ୍ତମାନ ପ୍ରତି ସେକେଣ୍ଡରେ ୧୩ ଘନ ମିଟର ଜଳ ନିଷ୍କାସିତ ହେଉଛି । ବର୍ଷା ନ ହେଲେ ଗେଟ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ଜଳସେଚନ ଉପଖଣ୍ଡ ସହ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁଚରଣ ସାହୁ କହିଛନ୍ତି ।

# ତୁଲୁ-ମାର୍କଣ୍ଡି ରାସ୍ତାରେ ପାଣି

■ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି ଲୋକେ
■ ଜମି ବିବାଦରୁ ଅଟକି ରହିଛି ବ୍ରିଜ୍ ଆପ୍ରୋଚ୍ ରୋଡ

**ଗୋପାଳପୁର,୨୯।୯**

ଗତ କିଛିଦିନ ଧରି ଗଞ୍ଜାମ ଜିଲାରେ ହୋଇଥିବା ଲଗାଣ ବର୍ଷାରେ ଗ୍ରାମାଞ୍ଚଳର ରାସ୍ତାଘାଟ, ଚାଷଜମି ଏବେଯାଏ ଜଳମଗ୍ନ ହୋଇ ରହିଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେବି କେତେକ ସ୍ଥାନରେ ବର୍ଷା ଲାଗି ରହିଛି। ରଙ୍ଗେଇଲୁଣ୍ଡା ବ୍ଲକ ମାର୍କଣ୍ଡି ପଞ୍ଚାୟତ ତୁଲୁ ଠାରୁ ମାର୍କଣ୍ଡି ସଂଯୋଗ କରୁଥିବା ରାସ୍ତା ଉପରେ ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ଲୋକେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି।

ପ୍ରକାଶ ଯେ, ତୁଲୁ-ମାର୍କଣ୍ଡି ରାସ୍ତାରେ ରହିଛି ପାଟନାଳର ଏକ ପୋଲ। ଘୋଡକା ନାଳର ପାଣି ଏହି ପାଟନାଳ ଦେଇ ସମୁଦ୍ରରେ ପଡିଥାଏ। ଜୋରରେ ବର୍ଷାହେଲେ ପାଟନାଳଦେଇ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ସୁଅ ଛୁଟେ। ଫଳରେ



ମାର୍କଣ୍ଡି ମୁଖ୍ୟରାସ୍ତାରେ ପ୍ରବାହିତ ହେଉଛି ପାଟନାଳ ପାଣି।

ମାର୍କଣ୍ଡି ଗ୍ରାମବାସୀଙ୍କ ଚିନ୍ତା ବଢିଯାଏ। ବିପଦସଙ୍କୁଳ ଅବସ୍ଥାରେ ଜୀବନକୁ ବାଜି ଲଗାଇ ଯାତାୟାତ କରନ୍ତି। ଅନେକ ସମୟରେ ଦୁର୍ଘଟଣା ମଧ ଘଟେ। ଏହାକୁ ଦୃଷ୍ଟିରେ ରଖି ୨୦୧୨ରେ ରଣ୍ଡା, ତୁଲୁ ଓ ମାର୍କଣ୍ଡି ଦେଇ ରାସ୍ତା ନିର୍ମାଣ ପାଇଁ ୯ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ତୁଲୁ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ହୋଇଥିବାବେଳେ ପାଟନାଳ ଉପରେ ଏକ ପୋଲ ହୋଇଛି। ମାତ୍ର ଏହାର ସଂଯୋଗୀକରଣ ରାସ୍ତା ଜମିବାବଦ ଯୋଗୁ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ପ୍ରାୟ ୪ ବର୍ଷ ହେଲା କାମ ବନ୍ଦ ରହିଛି। ଏନେଇ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ଦେଖାଯାଉନାହିଁ। ମାର୍କଣ୍ଡି ଗ୍ରାମରେ ପ୍ରାୟ ନୋଳିଆ ସମ୍ପ୍ରଦାୟର ଲୋକେ ରୁହନ୍ତି।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଉପ ନିର୍ବାହୀଯନ୍ତ୍ରୀ ରାମଚନ୍ଦ୍ର ସେଠୀଙ୍କୁ ପଚାରିବାରୁ, ଏନେଇ ଉଚ୍ଚ ପଦାଧିକାରୀଙ୍କୁ ଜଣାଇ ଦିଆଯାଇଛି। ଜମିଜମା ସମସ୍ୟା ରହିଥିବାଯୋଗୁ କାମ ସମ୍ପୂର୍ଣ୍ଣ ହୋଇପାରୁନଥିଲା। ଏବେ ଏହି ଜମି ସମସ୍ୟାର ସମାଧାନ ହୋଇଯାଇଛି। ବର୍ଷା କମିଲେ ଖୁବଶୀଘ୍ର ଉକ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

■ ଚର୍ମ ରୋଗରେ ଗୋରୁ ମୃତ

# ଉତ୍ତରପ୍ରଦେଶକୁ ପଠାଗଲା ରକ୍ତ ନମୁନା

**ଦିଗପହଣ୍ଡି,୨୯।୯(ଡି.ଏନ.ଏ.)**

ଦିଗପହଣ୍ଡି ଅଞ୍ଚଳରେରେ ଚର୍ମ ରୋଗ ବ୍ୟାପିବାରେ ଲାଗିଛି। ଏ ନେଇ ଗୋପାଳକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ବ୍ଲକ ଅଧୀନ ଚଷାନିମଖଣ୍ଡି, ନିମଖଣ୍ଡି ପେଣ୍ଠ, ସହଦେବ ଟିକରପଡ଼ା ଓ ଭୀଷ୍ମଗିରି ଆଦି ଅଞ୍ଚଳରେ ଗତ କିଛିଦିନ ହେଲା ବହୁ ଗୋରୁ କୌଣସି ରୋଗରେ ମୃତ୍ୟୁବରଣ କରୁଥିବା ଚଷା ନିମଖଣ୍ଡି ପୂର୍ବତନ ସରପଞ୍ଚ ରବୀଚନ୍ଦ୍ର ଗୌଡ କହିଛନ୍ତି। ଚଷାନିମଖଣ୍ଡି ପଞ୍ଚାୟତ ସିନ୍ଧବା ଗ୍ରାମର ସୀମାଞ୍ଚଳ ଗୌଡଙ୍କ ଗୋରୁ ମଧ ଏହି ରୋଗରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ କେତେକ ଗୋରୁ ଏହି ରୋଗରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ରବିବାର ସିନ୍ଧବା ଗ୍ରାମରେ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଆୟୋଜିତ ଶିବିରରେ ବ୍ଲକ ପ୍ରାଣୀ ଚିକିତ୍ସକ ଡାକ୍ତର ଅନୀତା ଦୋରା, ସିଦ୍ଧାର୍ଥ ପାଣିଗ୍ରାହୀ ପ୍ରମୁଖ କର୍ମଚାରୀଙ୍କ ସହ ପହଞ୍ଚି ଗୋରୁ ମାନଙ୍କୁ ଚିକିତ୍ସା କରିଥିଲେ। ଆକ୍ରାନ୍ତ ଗୋରୁମାନଙ୍କ ରକ୍ତ ସଂଗ୍ରହ କରି ଉତ୍ତରପ୍ରଦେଶ ପଠାଇଯାଇଛି। ଏହି ଭୂତାଣୁ ବାଂଲାଦେଶରୁ ଆସିଥିବା ସନ୍ଦେହ କରାଯାଉଛି। ଏନେଇ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ପଚାରିବାରୁ ସେ ଭୂତାଣୁ ସଂକ୍ରମଣ ଯୋଗୁ ଗୋରୁମାନଙ୍କ ଦେହରେ ଅତ୍ୟଧିକ ଉତ୍ତାପ ବଢ଼ିଥାଏ। ପ୍ରାଣୀ ଓ ଗୋସମ୍ପଦ ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ସେମାନଙ୍କ ମୁଣ୍ଡ, ବେକ, ଗୋଡ଼ ଆଦିରେ ବଥ ପରି ଘା ହୋଇଥାଏ। ଏହି ଚର୍ମବିଣ୍ଡି ରୋଗ କାପ୍ରି ପକ୍ସସ ନାମକ ଭୂତାଣୁ ଦ୍ୱାରା ବ୍ୟାପିଥାଏ। ଘା ଗୁଡ଼ିକର ରକ୍ତ, ଲାଳ, କଫ ଓ ଶୁକ୍ର ଦ୍ୱାରା ଗୋଟିଏ ପ୍ରାଣୀଙ୍କ ଠାରୁ ଅନ୍ୟ ପ୍ରାଣୀଙ୍କୁ ସଂକ୍ରମିତ ହୋଇଥାଏ। ବର୍ତ୍ତମାନ ସୁଦ୍ଧା ଏହାର କୌଣସି ଔଷଧ ବାହାରିନଥିବା ବେଳେ ଭାଡି ଓଲିନମାନ ଏମ ବୁନ୍ଦା ଦିନକୁ ପ୍ରାୟ ୩ଥର ବ୍ୟବହାର କଲେ ପ୍ରାଣୀଙ୍କୁ ଏହି ରୋଗ ହୋଇନଥାଏ। ଏହା ସେଭଳି ଗୁରୁତ୍ୱପୂର୍ଣ୍ଣ ନୁହେଁ। ଏଥିରେ କେହି ଭୟଭୀତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ଆକ୍ରାନ୍ତ ଗୋରୁଙ୍କୁ ଅଲଗା ଅଲଗା ରଖିବା ଆବଶ୍ୟକ ବୋଲି ଚାଷୀଙ୍କୁ ପରାମର୍ଶ ଦିଆଯାଉଛି।

# କନ୍ଧୁଣୀ ଦେବୀ ଯୁବକ ସଂଘର ସୂପକାର ସମ୍ମାନ ଉତ୍ସବ



ସଂଘ ସଦସ୍ୟଙ୍କ ସହ ସୂପକାରମାନେ।

**ସୋରଡା,୨୯।୯(ଡି.ଏନ୍.ଏ.)**

କନ୍ଧୁଣୀ ଦେବୀ ଯୁବକ ସଂଘ ପକ୍ଷରୁ ସୂପକାର ସମ୍ମାନ ଉତ୍ସବ ବଡକାଳୀ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ମନୁ ସୁଆରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ସଞ୍ଜୀବ ଅଧିକାରୀ, ଉପଦେଷ୍ଟା ରାଜେଶ ପାତ୍ର ମଞ୍ଚାସିନ ଥିଲେ। କଣ୍ଟାପୀଢା ଯାତ୍ରା ଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଅଞ୍ଚଳର ସୂପକାର ମାଗଣାରେ ଏହା ପ୍ରସ୍ତୁତ କରିଥିଲେ। ରବିବାର ଉତ୍ସବରେ ସୂପକାର ଟୁନା ସୁଆର, ଅଶ୍ୱିନୀ ପାଢୀ, ଦେବରାଜ ପଣ୍ଡା, ବୁଲୁ ବିଶ୍ୱାସରାୟ ଏବଂ ସହଯୋଗୀ ଲିଙ୍ଗରାଜ ବେହେରା, ବାବୁ ବେହେରାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

# ପଥପ୍ରାନ୍ତ ସେବାକେନ୍ଦ୍ରରେ ଭଙ୍ଗାରୁଜା, ଜଣେ ଗିରଫ

**ବାଲିଗୁଡା,୨୯।୯(ଡି.ଏନ୍.ଏ.)**

ବାଲିଗୁଡା ନିକଟ ମହାଶିଙ୍ଗିରେ ଥିବା ପଥପ୍ରାନ୍ତ ସେବା କେନ୍ଦ୍ରରେ ନିଜକୁ ମାଓବାଦୀ ବୋଲି ପରିଚୟ ଦେଇ ଭଙ୍ଗାରୁଜା କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବାଲିଗୁଡା ପାଟଖଣ୍ଡା ଲଜ୍ ମାଲିକଙ୍କ ପୁଅ କମଲ ଦାସ। ଶନିବାର ବିଳମ୍ବିତ ରାତିରେ କମଲ ପଥପ୍ରାନ୍ତ ସେବା କେନ୍ଦ୍ରରେ ପଶି ନିଜକୁ ମାଓବାଦୀ ବୋଲି ପରିଚୟ ଦେଇ ସେବାକେନ୍ଦ୍ର କର୍ମଚାରୀଙ୍କୁ ଧମକଚମକ ଦେଇଥିଲେ। ପରେ ତାଙ୍କ ରେଜିଷ୍ଟର ମାଗିଥିଲେ। ନ ଦେବାରୁ ସେଠାରେ ଥିବା ଚେୟାର, ଟେବୁଲ, ହାତଧୂଆ ବେଶିନ ଇତ୍ୟାଦି ଭାଙ୍ଗିଥିଲେ। ସେବାକେନ୍ଦ୍ରର ଉପସ୍ଥିତ ଥିବା କର୍ମଚାରୀ ସୁପରଭାଇଜର ଆଶୀଷ କୁମାର ଖଟେଇ, ସିକ୍ୟୁରିଟି ରାକଶେ କୁମାର ମହାପାତ୍ର ଓ ରାହୁଲ ଜେନା ପ୍ରମୁଖ କମଲଙ୍କୁ କାବୁ କରି ଏକ କୋଠରିରେ ପୁରାଇ କବାଟ ବନ୍ଦ କରି ଦେଇଥିଲେ। ସକାଳୁ ବାଲିଗୁଡା ଥାନାକୁ ଯାଇ ଘଟଣା ସମ୍ପର୍କରେ ଜଣାଇବା ସହ ଏତଲା ଦେଇଥିଲେ। ପୋଲିସ ପହଞ୍ଚି କମଲଙ୍କୁ ଥାନାକୁ ଆଣି ନଂ.୧୨୪/୧୯ରେ ମାମଲା ରୁଜୁ କରି କୋର୍ଟ ଚାଲାଲ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା କହିଛନ୍ତି।

## ଉନ୍ନୟନ ଯୋଜନାରେ ଦୁର୍ନୀତି ଅଭିଯୋଗ

**ଟିକିଟି,୨୯।୯(ଡି.ଏନ.ଏ.)**

ଟିକିଟି ବ୍ଲକ୍ ନୂଆପଡା ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ରବିବାର ନୂଆପଡ଼ା ଗ୍ରାମର ଜନ ସୂଚନାଧିକାରୀ ହୃଷି ନାୟକ ତାଙ୍କ ବାସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସରକାରଙ୍କ ବିଭିନ୍ନ ଭତ୍ତାରୁ ଆରମ୍ଭ କରି ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଏବଂ ତିତ୍‌ଲି କ୍ଷତିଗ୍ରସ୍ତଙ୍କ ପାଇଁ ଆସିଥିବା ଚାଉଳକୁ ମଧ ପଞ୍ଚାୟତରେ ହରିଲୁଟ୍ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ପ୍ରଶାସନଠାରୁ ଆରମ୍ଭ କରି ଜିଲାପ୍ରଶାସନ ପର୍ଯ୍ୟନ୍ତ ଜଣାଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ତେଣୁ ଏହି ଦୁର୍ନୀତି ବିରୋଧରେ ସଂଗ୍ରାମ କରିବା ପାଇଁ ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ପୂର୍ବାହ୍ନ ୧୦ଟାରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବି ବୋଲି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଅନଶନକୁ ଭଣ୍ଡୁର କରିବା ପାଇଁ କିଛି ଲୋକ ମୋତେ ମାରିବାକୁ ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ଏଣୁ ପ୍ରଶାସନକୁ ସୁରକ୍ଷା ଯୋଗାଇବା ପାଇଁ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ନୂଆପଡ଼ା ସରପଞ୍ଚ ଏସ୍ ମମତାଙ୍କ ସହ ଯୋଗାଯୋଗ ବେଳେ ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ସରକାରଙ୍କଠାରୁ ଆସିଥିବା ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇଥିବା ସେ କହିଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ ପାଠଚକ୍ର

**ଶଙ୍କରାଖୋଲ,୨୯।୯ (ଡି.ଏନ୍.ଏ)–** ଟିକାବାଲି ବ୍ଲକ କଇଁଝର ପଞ୍ଚାୟତଠାରେ ଥିବା ସରକାରୀ ବରାଳଦେବୀ ବିଦ୍ୟାପୀଠରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ପାଠଚକ୍ର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଗୁଣମଣି ପାଢଯୋଶୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ୍ତ କୁମାର ନାୟକ, ସରପଞ୍ଚ ରୁନୀତା କହଁର, ବ୍ଲକ ଉପାଧ୍ୟକ୍ଷ ତରୁଣ ଅମାତ୍ୟ ଯୋଗଦେଇଥିଲେ। ଏଥିରେ ବ୍ଲକର ୨୦ ବିଦ୍ୟାଳୟର ୩୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଶିକ୍ଷକ ଅମିତ ତ୍ରିପାଠୀ ଓ ସୌଭାଗ୍ୟ ରଞ୍ଜନ ଖମାରୀ ଯୋଗଦେଇ ଓଡ଼ିଆ ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଅଶେଶ୍ରୀ ଅବିସିକ୍ତା ଦାସ ପ୍ରଥମ ହୋଇଥିବାରୁ ଜିଲାସ୍ତରକୁ ମନୋନୀତ କରିଥିଲେ। ଦ୍ୱିତୀୟ ଟିକାବାଲି ଉଚ୍ଚବିଦ୍ୟାଳୟ ଛାତ୍ର ପ୍ରତ୍ୟୁଷା କୁମାର ବୁର୍ଗି ଓ ତୃତୀୟ ବରାଳଦେବୀ ବିଦ୍ୟାପୀଠ ଛାତ୍ରୀ ସାଲିନୀ କହଁର ବିବେଚିତ ହୋଇଥିଲେ।

■ ଟିକିଲି ପଞ୍ଚାୟତରେ ଝାଡାବାନ୍ତି

# ପରୀକ୍ଷା ପାଇଁ ଗଲା ରକ୍ତ ନମୁନା

**ଖଲ୍ଲିକୋଟ,୨୯।୯(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ଟିକିଲି ପଞ୍ଚାୟତ ଗୋପପୁର ଗ୍ରାମ ଦଳିତ ସାହିରେ ପ୍ରଶାସନର ହସ୍ତକ୍ଷେପରେ ଅନ୍ଧବିଶ୍ୱାସ ଦୂର ପାଇଁ ରକ୍ତ ପରୀକ୍ଷା କରାଯାଇଛି। ରବିବାର ବ୍ରହ୍ମପୁରରୁ ଆସିଥିବା ଡାକ୍ତର ଟିମ୍ ବହୁ ଜନସାଧାରଣଙ୍କ ରକ୍ତ ନମୁନା ପରୀକ୍ଷା କରିବାକୁ ପଠାଇଛି। ଏଥିସହ ୪ ଜଣଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ସେମାନେ ହେଲେ ଉକ୍ତ ସାହିର ସୁଷମା ନାହାକ (୩୫), ସୁଭଦ୍ରା ନାହାକ (୩୦), କୁମାରୀ ନାହାକ (୩୫) ଓ ଡାକ ନାହାକ (୨୮)। ଉକ୍ତ ଗାଁରେ କିଛିଦିନ ପୂର୍ବେ ଝାଡାବାନ୍ତି କରି ପାଣ୍ଡୁ ନାହାକ (୫୦)ଙ୍କ ମୃତ୍ୟୁ ହୋଇଥିଲା। ପରେ ଏପରି ୪ ଜଣଙ୍କ ମୃତ୍ୟୁ ହେଲାଣି। ଗ୍ରାମର ସୁଷମା, ସୁଭଦ୍ରା, କୁମାରୀ, ଡାକଙ୍କ ମଧ ଏସବୁ ଲକ୍ଷଣ ଦେଖାଯାଇ ଥିବାରୁ ଗ୍ରାମବାସୀଙ୍କ ମନରେ ଗୁଣି ସନ୍ଦେହ ଜାତ ହୋଇଥିଲା। ଏଥିପାଇଁ ଗ୍ରାମବାସୀ ଗୁଣିଆ ଖୋଜିବା ପାଇଁ ପ୍ରସ୍ତୁତ ହେଉଥିଲେ। ଖବର ପାଇ ସ୍ଥାନୀୟ ସରପଞ୍ଚ, ଖଲ୍ଲିକୋଟ ବିଧାୟକଙ୍କ ପ୍ରତିନିଧି ଦଇତାରି ବେହେରା, ବ୍ଲକ ଅଧକ୍ଷା ପ୍ରତିନିଧି ରତ୍ନାକର ସାହୁ, ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ, ତହସିଲଦାର ଚିତ୍ତରଞ୍ଜନ ମହାନ୍ତ ପ୍ରମୁଖ ଶନିବାର ରାତିରେ ଗାଁରେ ପହଞ୍ଚି ଆକ୍ରାନ୍ତ ଲୋକଙ୍କୁ ପ୍ରଥମେ ମେଡିକାଲ ପଠାଇଥିଲେ। ରବିବାର ବ୍ରହ୍ମପୁରରୁ ଆସିଥିବା ଡା. ଅବନୀ କୁମାର ପାତ୍ର ଟିମ ସହ ପହଞ୍ଚି ଅନ୍ୟମାନଙ୍କ ରକ୍ତ ନମୁନା ପରୀକ୍ଷା କରିଥିଲେ। ପ୍ରାଥମିକ ତଦନ୍ତରେ ଏହା ରକ୍ତହୀନତା ଶିକାର ହୋଇଥିବା ଜଣାପଡ଼ିଥିଲା। ଅଧିକ ପରୀକ୍ଷା ନିରୀକ୍ଷା କରାଯିବ ବୋଲି କହିଥିଲେ।

# ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଶୁଭାରମ୍ଭ

**ଛତ୍ରପୁର,୨୯।୯ (ଡି.ଏନ.ଏ.)**



କେଶପୁର ପଞ୍ଚାୟତରେ ଖଲ୍ଲିକୋଟ ବିଧାୟିକା ପଟ୍ଟା ବଣ୍ଟନ କରୁଛନ୍ତି।

ଛତ୍ରପୁର ତହସିଲ ପକ୍ଷରୁ ରବିବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ତହସିଲ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ସେବା କିଭଳି ଲୋକଙ୍କ ହାତପାହାନ୍ତାରେ ପହଞ୍ଚିବ ଏବଂ ମଧ୍ୟସ୍ଥ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ହଟିବ। ଏଣୁ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ଜିଲାପାଳ ସୂଚନା ଦେଇଥିଲେ। ଛତ୍ରପୁର ତହସିଲ ପକ୍ଷରୁ ବଡମାଧପୁର ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛତ୍ରପୁର ତହସିଲ ଅଧୀନ ପୋଟଲାମପୁର ସର୍କଲ, ବିପୁଲିଙ୍ଗ ସର୍କଲ ଓ ବଉଲଗାଁ ସର୍କଲ ଅଧୀନ ୬ ପଞ୍ଚାୟତ ଲୋକେ ଶିବିରକୁ ଆସିଥିଲେ। ଏଥିରେ ୪୬୩ ଅଭିଯୋଗ ଆସିଥିଲା। ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଡେପୁଟି କଲେକ୍ଟର (ରାଜସ୍ୱ)ଦିବ୍ୟଲୋଚନ ମହନ୍ତ, ତହସିଲଦାର ନୀଳମାଧବ ଭୋଇ, ଅତିରିକ୍ତ ତହସିଲଦାର ଜସ୍ମିନ ପ୍ରଧାନ, ରାକେଶ ନାୟକ, ବିଶ୍ୱଜିତ କହଁର ପ୍ରମୁଖ ଉପସ୍ଥିତ ଥିଲେ।

**ଗଞ୍ଜାମ:** ହୁମ୍ମା ବୀରଭଦ୍ର ହାଇସ୍କୁଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାପ କାମୁଡ଼ାରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଚେକ୍ ସହ ଘରପଟ୍ଟା ପ୍ରଦାନ କରିଥିଲେ। ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ତହସିଲଦାର ଶକ୍ତିକାନ୍ତ ରାଏ ପ୍ରମୁଖ ଉପସ୍ଥିତ ଥିଲେ।

**ଟିଗିରି:** ସ୍ଥାନୀୟ ତହସିଲ୍ ପକ୍ଷରୁ ଟିଗିରି ରାଜସ୍ୱ ମଣ୍ଡଳ ଅଧୀନ କୁଲଥିଆ ଗାଁରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଏଡିଏମ୍ ଲକ୍ଷ୍ମୀକାନ୍ତ ସେଠୀ ଶୁଭାରମ୍ଭ କରିଥିଲେ। ୧୫୬ଜଣ ଆବେଦନକାରୀଙ୍କ ମଧ୍ୟରୁ ୩୩ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିବେଳେ ୧୩ ଜଣଙ୍କ ଅଭିଯୋଗ ଗ୍ରହଣ କରାଯାଇଥିଲା। ତହସିଲ୍‌ଦାର ହରପ୍ରସାଦ ଭୋଇ ଓ ଆର୍‌ଆଇମାନେ ଉପସ୍ଥିତ ଥିଲେ।

**ଖଲ୍ଲିକୋଟ:** ଖଲ୍ଲିକୋଟ ବ୍ଲକ କେଶପୁର ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ତହସିଲଦାର ଚିତ୍ତରଞ୍ଜନ ମହାନ୍ତ, ଅତିରିକ୍ତ ତହସିଲଦାର ଜ୍ୟୋତିମୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିକ୍ରମପୁର ଗ୍ରାମର ୧୫୦ ଗ୍ରାମକଣ୍ଠ ପଟ୍ଟା, ୧୭ ବସୁନ୍ଧରା ପଟ୍ଟା, ଘରବାଡ଼ି ପଟ୍ଟା ୭ ବଣ୍ଟନ କରାଯାଇଥିଲା।

**କୁକୁଡ଼ାଖଣ୍ଡି:** ବାଲିପଡ଼ା ଗ୍ରାମ ମୁଖ୍ୟରାସ୍ତାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଦକ୍ଷିଣପୁର ଓ ବାଲିପଡ଼ା ଆର୍‌ଆଇ ସର୍କଲ ପାଇଁ ଏହି କାର୍ଯ୍ୟକ୍ରମ ହୋଇଥିଲା। କୁକୁଡ଼ାଖଣ୍ଡି ବ୍ଲକର ଦକ୍ଷିଣପୁର, ଲାଞ୍ଜିଆ, ବାଲିପଡ଼ା ଓ ଡ଼େଙ୍ଗାପଦର ପଞ୍ଚାୟତର ଲୋକେ ଉପକୃତ ହୋଇଛନ୍ତି। ତହସିଲଦାର ସୁବାସ ଚନ୍ଦ୍ର ରଇତ, ଅତିରିକ୍ତ ତହସିଲଦାର କଳାକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ବୁଗୁଡ଼ା:** ବୁଗୁଡ଼ା ବ୍ଲକ ବାଲିପଦର କଳିଙ୍ଗ ବୈଶ୍ୟ ସମାଜ ପେଣ୍ଠ ଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ଉଦ୍‌ଘାଟନ କରିଥିଲେ। ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ସମେତ ସରକାରୀ ଓକିଲ ବିଭୁଦତ୍ତ ନାୟକ ଓ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଇନ୍‌କମ୍, ରେସିଡ଼େନ୍ସ ଓ ଇଡବ୍ଲ୍ୟୁଏସ୍ ଆଦି ୭୦ ସାର୍ଟିଫିକେଟ ୭୨ ପଟ୍ଟା ବଣ୍ଟନ କରାଯାଇଥିଲା।

**କବିସୂର୍ଯ୍ୟନଗର:** କବିସୂର୍ଯ୍ୟନଗର ତହସିଲ ଅନ୍ତର୍ଗତ ବୁଢ଼ାମ୍ବ ରାଜସ୍ୱ ସର୍କଲ ଅଧୀନରେ ଥିବା ୪ ପଞ୍ଚାୟତ ଓ ୧୪ ଗ୍ରାମକୁ ନେଇ ବଡ଼ମହୁରିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତହସିଲଦାର ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ତହସିଲଦାର ହୃଦାନନ୍ଦ ସାହୁ ୧ହଜାରରୁ ଉର୍ଦ୍ଧ୍ୱ ଅଭିଯୋଗ ଗ୍ରହଣ କରିଥିଲେ।

**ହିଞ୍ଜିଳିକାଟୁ:** ହିଞ୍ଜିଳିକାଟୁ ବ୍ଲକ ଶିକିରି ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁଭାରମ୍ଭ କରିଥିଲେ। ତହସିଲଦାର ଗୋପୀନାଥ କୁଅଁରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ପ୍ରସନ୍ନ କୁମାର ପାତ୍ର, ଆଇଆଇସି ଅଭିମନ୍ୟୁ ଦାଶ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ୨୨୭ ଜଣ ବିଭିନ୍ନ ପ୍ରମାଣପତ୍ର ଓ ସରକାରୀ ଯୋଜନା ପାଇଁ ଆବେଦନ କରିଥିଲେ। ୧୧୮ଜଣଙ୍କୁ ଜମି ପଟ୍ଟା, ୪ ଜଣଙ୍କୁ ସେମାନଙ୍କ ଚାଷ ଜମିକୁ ଅଣଚାଷ ଜମିରେ ପରିବର୍ତ୍ତନ କରିବା ପାଇଁ ଅନୁମତି, ୨ଜଣଙ୍କୁ ବସୁନ୍ଧରା ଯୋଜନାରେ ଘର ଡ଼ିହ ଓ ବିଭିନ୍ନ ପ୍ରମାଣପତ୍ର ଦିଆଯାଇଥିଲା।

**ପାତ୍ରପୁର:** ପାତ୍ରପୁର ତହସିଲ ପଦାଦିଗି ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ତହସିଲଦାର ଡ. ଶ୍ରୀନିବାସ ବେହେରା ଉଦ୍‌ଘାଟନ କରିଥିବାବେଳେ ବିଡ଼ିଓ ପ୍ରକାଶ ଦାସ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ୩୫ ଜଣଙ୍କୁ ବିଭିନ୍ନ ପ୍ରମାଣପତ୍ର, ୭୪ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା।

**ଆସିକା:** ଆସିକା ତହସିଲ ଅନ୍ତର୍ଗତ ଗୁଣ୍ଡପଡାସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ତହସିଲଦାର ଆଶୁତୋଷ ଗୌରବ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଧାୟିକା ୧୦ ହିତାଧିକାରୀଙ୍କୁ ପଟା ବଣ୍ଟନ କରିଥିଲେ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ତହସିଲ ପକ୍ଷରୁ ଭୂତସରସିଙ୍ଗି ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ତହସିଲଦାର ଅରୁଣ କୁମାର ନାୟକ, ଅତିରିକ୍ତ ତହସିଲଦାର ଶୋଭନ କୁମାର ବେହେରା, ବିଡିଓ ସୀମାଞ୍ଚଳ ମହାନ୍ତି ଓ ତହସିଲ କର୍ମଚାରୀ ଯୋଗଦେଇ ୨୬୦ଜଣଙ୍କୁ ଜମି ଓ ଘର ପଟ୍ଟା ପ୍ରଦାନ ସହ ୫ ଜଣଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ଓ ୫ ଜଣଙ୍କୁ ଜାତିଗତ ପ୍ରମାଣପତ୍ର ଦେଇଥିଲେ।

**ବେଗୁନିଆପଡା:** ବେଗୁନିଆପଡ଼ା ବ୍ଲକ ଅଙ୍ଗାରଗାଁ ପଞ୍ଚାୟତରେ ତହସିଲଦାର ପ୍ରଭାତ କୁମାର ପରିଡା ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀ, ଉପାଧ୍ୟକ୍ଷ ଭ୍ରମର ଭୂୟାଁ, ଅଙ୍ଗାରଗାଁ ସରପଞ୍ଚ ସରୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୨୩୪ଟି ଅଭିଯୋଗ ଆସିଥିଲା।

**ହାଟୀଓଟ/ପୋଲସରା–** ପୋଲସରା ବ୍ଲକ ତୁଙ୍କାପଡାଠାରେ ସ୍ଥାନୀୟ ତହସିଲଦାର ଅଶୋକ କୁମାର ପ୍ରଧାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଥିଲା। ମୋଟ ୧୪୯ ଜଣ ନାମ ପଞ୍ଜୀକରଣ କରିଥିଲେ। ୬୫ ଜଣ ପଟ୍ଟା, ଇ-ପଟ୍ଟା ୨ ଜଣ, ଓ.ଏଲ.ଆର ଏଣ୍ଡ୍ ଏ ୮ ଭାଗ ବଣ୍ଟନ ୧୦, ଗ୍ରାମକଣ୍ଟକ ୩୦, ମ୍ୟୁଟେସନ ୨୯, ପ୍ରମାଣ ପତ୍ର ୧୪ ପ୍ରଦାନ କରାଯାଇଥିଲା। ବ୍ଲକ ଉପାଧକ୍ଷା ସଞ୍ଜୁକ୍ତା ବାଉତ୍ୟାଙ୍କ ସମେତ ବହୁ ସରପଞ୍ଚ ଉପସ୍ଥିତ ଥିଲେ।

**ପାଟପୁର:** ସାନଖେମୁଣ୍ଡି ତହସିଲ ପକ୍ଷରୁ ଖଲିଙ୍ଗି ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ତହସିଲଦାର ଅମିତ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ପ୍ରାମାଣପତ୍ରସହ ୫୬ଟି ଘରପଟ୍ଟା, ସାର୍ଟିଫିକେଟ୍ ବଣ୍ଟନ କରାଯାଇଥିଲା।

**ଶେରଗଡ:** ଶେରଗଡ ତହସିଲଦାର ଡ. ଦୟାସିନ୍ଧୁ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶେରଗଡ ସରପଞ୍ଚ ସାଗରିକା ପ୍ରଧାନ, ବିଡିଓ ସୁରଞ୍ଜନ କୁମାର ସାହୁ, ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କ ପଟ୍ଟା, ପ୍ରମାଣପତ୍ର ବଣ୍ଟନ କରିଥିଲେ। ମୋଟ ୨୫୯ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ୬୦ ଜଣଙ୍କୁ ବିଭିନ୍ନ ପଟ୍ଟା, ୪୫ ଜଣଙ୍କୁ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜଣେ ମୃତକଙ୍କ ପରିବାରକୁ ୫୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା।

